## ସଂକ୍ଷେପରେ

### ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜ ୨ ପ୍ରାର୍ଥିପତ୍ର ପ୍ରତ୍ୟାହାର, ଜଣେ ନିର୍ବାଚିତ

**ତିହିଡ଼ି,୪।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ସ୍ଥିତ ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଗୁରୁବାର ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସଭାପତି ପଦବୀରୁ ଜଣେ ପ୍ରାର୍ଥୀ ଏବଂ ସହ-ଡିଏସଏ ସମ୍ପାଦକ ପଦବୀରୁ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ ମୋଟ ୨୧ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବା ନିଶ୍ଚିତ ହୋଇଛି। ତେବେ ସହଡିଏସଏ ପାଇଁ ଜଣେ ଓହରି ଯିବାରୁ ଅନ୍ୟତମ ପ୍ରାର୍ଥୀ ଶଙ୍କର୍ଷଣ ପାତ୍ର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀ ପାଇଁ ୩ ପ୍ରାର୍ଥୀଙ୍କ ମଧ୍ୟରୁ ରଞ୍ଜିତ କୁମାର ଦାସ ଓହରି ଯିବା ପରେ ରଜେଶ କୁମାର ପଣ୍ଡା ଓ ସୁଶାନ୍ତ କୁମାର ସାମଲ ଲଢେ଼ଇ ମଇଦାନରେ ରହିଛନ୍ତି। ଆସନ୍ତା ୧୧ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ।

### ସାଳନ୍ଦୀରେ ଭାସିଗଲେ ଦୁଇ ଭଉଣୀ
■ଜଣଙ୍କ ମୃତଦେହ ଉଦ୍ଧାର

**ଭଦ୍ରକ ଅଫିସ,୪।୧୦:** ଭଦ୍ରକ ପୌରାଞ୍ଚଳ ଅଧୀନ ନରିପୁର ଅଞ୍ଚଳରେ ରହୁଥିବା ଭବେଶ ମୁଣ୍ଡାଙ୍କ ଦୁଇଝିଅ ରାଧି ମୁଣ୍ଡା(୫) ଓ ଶୋଭା ମୁଣ୍ଡା(୭) ଗୁରୁବାର ଅପରାହ୍ନରେ ସାଳନ୍ଦୀ ନଦୀର ହନୁମାନ ଘାଟରେ ଭାସି ଯାଇଥିଲେ। ଖବର ପାଇ ଭଦ୍ରକ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ ସାନଭଉଣୀ ରାଧିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବଡ଼ଭଉଣୀ ଶୋଭା ନିଖୋଜ ଅଛନ୍ତି। ୨ ଭଉଣୀ ଅପରାହ୍ନରେ ମା'ଙ୍କ ସହ ଗାଧୋଇବାକୁ ସାଳନ୍ଦୀ ନଦୀକୁ ଯାଇ ବୁଡ଼ିଯାଇଥିଲେ। ରାଧିଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ,୪।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଯଶୋଟିକିରି ଛକ ନିକଟ ମହନ୍ତ ପୋଲ ବାଡ଼ାରେ ପିଟି ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ପୂର୍ବ ମେଦିନପୁର ଜିଲା କାନ୍ଥି ଥାନା ବଡଚଣ୍ଡୀଭେଟି ଗ୍ରାମର ଦେବପ୍ରସାଦ ମାଇତି(୨୬)। ସେ ବୁଧବାର ଅପରାହ୍ନରେ ବାଇକ୍‌ରେ କଟକରୁ ଭଦ୍ରକକୁ ଆସୁଥିବା ବେଳେ ଯଶୋଟିକିରି ଛକ ନିକଟରେ ଭାରସାମ୍ୟ ହରାଇ ପୋଲ ବାଡ଼ାରେ ପିଟି ହୋଇ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ହୋମଗାର୍ଡ ଅଶୋକ ଦାସ ଦେଖି ତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା(ନଂ.୧୬୯/୧୮) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

### ପ୍ରେମ ପ୍ରତାରଣାର ଶିକାର ଯୁବତୀ ଥାନାର ଦ୍ୱାରସ୍ଥ

**ଧାମନଗର,୪।୧୦ (ଡି.ଏନ.ଏ.):** ପ୍ରେମ ପ୍ରତାରଣାର ଶିକାର ହୋଇଥିବା ଭଦ୍ରକ ଜିଲା ଧାମନଗର ଥାନା ଦିହୁଡି ଆନନ୍ଦପୁର ଅଞ୍ଚଳର ଜଣେ ହରିଜନ ଯୁବତୀ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ବର୍ତ୍ତମାନ ପୀଡ଼ିତା ଅନ୍ତସତ୍ତ୍ୱା ଥିବା ନେଇ ବୟାନ ଦେଇଥିବା ପୋଲିସ ସୂଚନା ଦେଇଛି। ଭଲ ପାଉଥିବା ଯୁବକଙ୍କୁ ବିବାହ ପାଇଁ ସେ ଜିଦ୍ ଧରିବାରୁ ପ୍ରତାରକ ପ୍ରେମିକ ଫେରାର ହୋଇ ଅନ୍ୟ ସହଯୋଗୀଙ୍କ ଦ୍ୱାରା ଗର୍ଭ ନଷ୍ଟ ପାଇଁ ବାଧ୍ୟ କରୁଥିବା ସେ ଥାନାରେ କରିଥିବା ଅଭିଯୋଗ କରିଛନ୍ତି। ତଦନୁଯାୟୀ ପୋଲିସ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛି।

### ସାମର୍ଥ୍ୟ ଶିବିରରେ ୭୧୦ ଭିନ୍ନକ୍ଷମ ପଞ୍ଜୀକୃତ

**ଚାନ୍ଦବାଲି,୪।୧୦(ଡି.ଏନ.ଏ.):** ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ଅପର୍ତ୍ତି ଚରଣ ହାଇସ୍କୁଲ ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ୬ଟି ମୁଖ୍ୟ ବିଭାଗରେ ୭୧୦ଜଣ ଭିନ୍ନକ୍ଷମ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ବିଡିଓ ଅଜାମ୍ବର ମହାନ୍ତି, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟ ବିବେକାନନ୍ଦ ଦୀକ୍ଷିତ, ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ, ଶଶିକାନ୍ତ ପତି ପ୍ରମୁଖ ଯୋଗଦେଇଥିଲେ।

# ପ୍ରକାଶ ପାଇଲା ଚୂଡ଼ାନ୍ତ ତାଲିକା: ସବୁଠି କଡ଼ା ଟକ୍କର

**ଭଦ୍ରକ ଅଫିସ, ୪।୧୦:** ଭଦ୍ରକ ଜିଲାରେ ଧାମନଗର କଲେଜ ସାଇନ-ଏ-ଡାଏ ଘୋଷଣା ହୋଇଥିବା ବେଳେ ଅନ୍ୟ ୭ କଲେଜରେ ଛାତ୍ରସଂସଦ ନିର୍ବାଚନ ହେଉଛି। ବୁଧବାର ଦାଖଲ ହୋଇଥିବା ପ୍ରାର୍ଥିପତ୍ରକୁ ଲିଙ୍ଗ୍‌ଡୋ କମିଶନଙ୍କ ସୁପାରିଶ ଭିତ୍ତିରେ ଯାଞ୍ଚ କରାଯାଇ ଗୁରୁବାର ସନ୍ଧ୍ୟା ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ଫଳରେ ସବୁଠି କଲେଜ କ୍ୟାମ୍ପସ୍ ଚଳଚଞ୍ଚଳ ହୋଇଉଠିଛି। ପ୍ରାର୍ଥିତାଲିକା ଯାଞ୍ଚ ଓ ଚୂଡ଼ାନ୍ତ ତାଲିକା ପ୍ରକାଶ ଲାଗି ବିଭିନ୍ନ କଲେଜରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଭାପତି ପଦ ପାଇଁ ୪, ସମ୍ପାଦକ ପଦ ପାଇଁ ୪, ଚରମ୍ପା ମହାବିଦ୍ୟାଳୟରେ ସଭାପତି ଓ ସମ୍ପାଦକ ପଦ ପାଇଁ ୨ ଜଣ ଲେଖାଏ ପ୍ରାର୍ଥୀ ଥିବାବେଳେ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଏହି ପଦ ପାଇଁ ଯଥାକ୍ରମେ ୩ ଜଣ ଲେଖାଏ ପ୍ରାର୍ଥୀ ଲଢ଼େଇ ମଇଦାନକୁ ଆସିଛନ୍ତି। ସେହିଭଳି ନିର୍ବାଚନ ହେଉଥିବା ଜିଲାର ଅନ୍ୟ କଲେଜରେ କେତେକ ମପଦବୀରେ ଦ୍ୱିମୁଖୀରୁ ବହୁମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ପଷ୍ଟ ହୋଇଛି। ଅଧିକ ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ଭଦ୍ରକ ସହରର ୩ କଲେଜରେ ନାମାଙ୍କନ ଦାଖଲ କରିଥିବା କେତେକ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କୁ ଜିତାଇବା ଲାଗି ରଣକୌଶଳ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର ନିର୍ବାଚନ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଧାମନଗର କଲେଜରେ ବୋମାମାଡ଼ ଭଳି ପ୍ରାକ୍ ନିର୍ବାଚନୀ ହିଂସା ଘଟିଥିବାରୁ ସବୁଠି ସୁରକ୍ଷା ବ୍ୟବସ୍ଥା ପ୍ରତି କଡ଼ା ନଜର ରଖାଯାଇଛି।


ଭଦ୍ରକ ମହିଳା ମହାବିଦ୍ୟାଳୟର ସହଯୋଗୀଙ୍କ ସହ କେତେଜଣ ପ୍ରାର୍ଥୀ।

### ଅଫୁଟା ସୁତୁଲି ବୋମା ଜବତ

**ଭଣ୍ଡାରିପୋଖରୀ, ୪।୧୦(ଡି.ଏନ.ଏ./ ସ୍ୱ.ପ୍ର.)**

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ସ୍ଥିତ ନାଆଁମୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ଏକ ସୁତୁଲିବୋମା ପଡିବା ଘଟଣା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ଫାଣ୍ଡିକୁ ସୂଚନା ଦିଆଯିବାରୁ ଏଏସଆଇ ହୃଷିକେଶ ନାୟକ ଓ ଅନ୍ୟ କର୍ମଚାରୀ ପହଞ୍ଚି ବୋମାକୁ ଉଦ୍ଧାର କରିଥିଲେ। ପରେ ଏହାକୁ ପାଣିରେ ବୁଡାଇ ନିଷ୍କ୍ରିୟ କରିଦିଆଯାଇଥିଲା। ତେବେ ଏହା ବୋମା ନୁହେଁ ଛାତ୍ରୀଛାତ୍ରଙ୍କୁ ଭୟଭୀତ କରିବା ପାଇଁ କେହି ସୁତୁଲି ବୋମା ଆରି ଫୋପାଡିଥିବା ପ୍ରାଥମିକ ତଦନ୍ତ ପରେ ଫାଣ୍ଡି ପୋଲିସ ସୂଚନା ଦେଇଛି।

■ ବିଭିନ୍ନ ପଦବୀରେ ଦ୍ୱିମୁଖୀ, ବହୁମୁଖୀ ପ୍ରତିଦ୍ୱନ୍ଦ୍ୱିତା
■ ସଭାପତି, ସମ୍ପାଦକ ପଦ ଉପରେ ସମସ୍ତଙ୍କ ନଜର
■ କ୍ୟାମ୍ପସ ରଣନୀତିକୁ ନେଇ ନେତା ତତ୍ପର

### ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଭାପତି ପଦବୀ ପାଇଁ ଅଭିଷେକ ମହାନ୍ତି, ମଳୟ କୁମାର ନାୟକ, ପ୍ରକାଶ ଚନ୍ଦ୍ର ଦାସ, ତପନ କୁମାର ମାଝୀ ପ୍ରାର୍ଥୀ ଥିବା ଜଣାପଡିଛି। ଉପସଭାପତି ପଦବୀ ପାଇଁ ୪ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଲେ କାହ୍ନୁଚରଣ ଜେନା, ଅନୁପ ସାହୁ, ମନୋଜ କୁମାର ସାହୁ ଓ ସୌମ୍ୟରଞ୍ଜନ ମହାନ୍ତି। ସେହିଭଳି ସମ୍ପାଦକ ପଦବୀ ପାଇଁ ୪ ପ୍ରାର୍ଥୀ ହେଲେ ଚନ୍ଦନ କୁମାର ମହାପାତ୍ର, ଜିତେନ୍ଦ୍ର କୁମାର ପଣ୍ଡା, ଶିବଶଙ୍କର ପରିଡା ଓ ପରବିନ ଖାତୁନ। ସହସମ୍ପାଦକ ପଦବୀ ପାଇଁ ଲିସାରାଣୀ ନାୟକ, ରାଜେଶ ଦାସ ଓ ସମି ଖାତୁନ ପ୍ରାର୍ଥୀ ରହିଥିବା ଜଣାପଡିଛି। ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ପ୍ରାର୍ଥୀମାନେ ହେଲେ ସାଧାରଣ ପକ୍ଷ ସହସମ୍ପାଦକ ଆଲୋକ କୁମାର ବେହେରା, ଶ୍ରେଣୀ ପ୍ରତିନିଧି ସତ୍ୟବ୍ରତ ବିଶ୍ୱାଳ, ଡେ ସ୍କଲାର ଛାତ୍ର ସଂସଦ ସମ୍ପାଦକ ଅତୁଲ୍ୟ ଦଳେଇ, ସହସମ୍ପାଦକ ଟିକାୟତ ପାଢୀ, ସମାଜସେବା ପରିଷଦର ସହସମ୍ପାଦକ ଶେଖ ରିୟାଜୁଦ୍ଦିନ, ବିଜ୍ଞାନ ସମାଜ ସହସମ୍ପାଦକ ସତ୍ୟାଶିଷ ଦାସ।

### ଭଦ୍ରକ ମହିଳା ମହାବିଦ୍ୟାଳୟ

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ନିର୍ବାଚନ ରୂପରେଖ ସ୍ପଷ୍ଟ ହୋଇଛି। ସଭାନେତ୍ରୀ ପଦ ପାଇଁ ପ୍ରଜ୍ଞାପରମିତା ଆରଣ, ସରିତା ବାରିକ ଓ ସୁପ୍ରିୟା ଲାହା ପ୍ରାର୍ଥୀ ରହିଛନ୍ତି। ଉପସଭାପତି ପଦ ଲାଗି ମାରିୟାମ କାଦ୍ରୀ ଓ ପ୍ରିୟଙ୍କା ନାୟକଙ୍କ ମଧ୍ୟରେ ଲଢ଼େଇ ହେବ। ସେହିପରି ସମ୍ପାଦକ ପଦବୀ ଲଢ଼େଇରେ ଇତିଶ୍ରୀ ବାରିକ, ପ୍ରିୟଙ୍କା ପ୍ରିୟଦର୍ଶନୀ ଜେନା ଓ ଶିବାନୀ ସାହୁ ସାମିଲ ହୋଇଛନ୍ତି। ଲିସାରାଣୀ ଖଟୁଆ, ସଞ୍ଜୀଦା ପରବିନ ଓ ଯୁ ଅଭିଲିପ୍ସା ଦାସ ସହସମ୍ପାଦକ ପଦବୀ ପାଇଁ ଲଢିବେ ବୋଲି ଜଣାପଡିଛି। ୮ଟି ପଦବୀରେ ଜଣେ ଲେଖାଏଁ ପ୍ରାର୍ଥୀ ଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### ଚରମ୍ପା ମହାବିଦ୍ୟାଳୟ

ଚରମ୍ପା ମହାବିଦ୍ୟାଳୟ ଛାତ୍ରସଂସଦରେ ୧୩ଟି ପଦବୀରେ ନିର୍ବାଚନ ହେଉଛି। ଏହି ପଦବୀ ଲାଗି ମୋଟ ୨୨ ପ୍ରତିଦ୍ୱନ୍ଦ୍ୱୀ ରହୁଛନ୍ତି। ୪ଟି ପଦବୀରେ ଜଣେ ଲେଖାଏଁ ପ୍ରାର୍ଥୀ ଥିବାବେଳେ ଅନ୍ୟ ୯ଟି ପଦବୀ ପାଇଁ ୨ ଜଣ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି। ସଭାପତି ପଦବୀ ପାଇଁ ପୁଷ୍ପାଞ୍ଜଳୀ ସାହୁ ଓ ଶକ୍ତିଶଙ୍କର ସ୍ୱାଇଁ ପ୍ରାର୍ଥୀ ହୋଇଥିବା ବେଳେ ଉପସଭାପତି ପଦ ପାଇଁ ଜିତେନ୍ଦ୍ର କୁମାର ବେହେରା ଓ ରଶ୍ମିତା ଚାନ୍ଦ ପ୍ରାର୍ଥୀ ରହିଛନ୍ତି। ସେହିଭଳି ସମ୍ପାଦକ ପଦ ପାଇଁ ଲିପ୍ସାସୂତ୍ରଧର ଓ ଶୁଭମ୍ ସ୍ୱାଧୀନ ଜେନା ଏବଂ ସହସମ୍ପାଦକ ପାଇଁ ବିମଳ କୁମାର ପଣ୍ଡା ଓ ରିଜୱାନୁଲ ହକ୍ ନାମାଙ୍କନପତ୍ର କାଏମ ଥିବା ଜଣାପଡିଛି।

■ ବନ୍ତ କଲେଜ: ସହମତିରେ ଗଠିତ ହେଲା ଛାତ୍ର ସଂସଦ

## ସୁଧାଂଶୁ ସଭାପତି, ରାକେଶ ସମ୍ପାଦକ

**ବନ୍ତ,୪।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ କଲେଜରେ ପ୍ରଥମଥର ସହମତି ଭିତ୍ତିରେ ଛାତ୍ର ସଂସଦ ଗଠିତ ହୋଇଛି । ଏନେଇ ଗୁରବାର କଲେଜ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଠାରେ ସଭାପତି ପଦବୀ ଲାଗି ସୁଧାଂଶୁ ଦାଶ, ଉପସଭାନେତ୍ରୀ ଭାବେ ଶୁଭଶ୍ରୀ ଜେନା, ସମ୍ପାଦକ ଭାବେ ରାକେଶ କୁମାର ଧଳ ମନୋନୀତ ହୋଇଛନ୍ତି। ସହ ସମ୍ପାଦକ ଭାବେ ଅଜିତ୍ ପରିଡା, ମହିଳା ପ୍ରତିନିଧି ଭାବେ ସରୋଜିନୀ ଜେନା, କ୍ରୀଡା ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ସାହୁ, ସହ-କ୍ରୀଡା ସମ୍ପାଦକ ଚିତ୍ତରଞ୍ଜନ ବିଶ୍ୱାଳ ମନୋନୀତ ହୋଇଥିବା ବେଳେ ନାଟ୍ୟ ସମ୍ପାଦିକା ଭାବେ ପୁଷ୍ପିତା ନାୟକ, ସହ ନାଟ୍ୟ ସମ୍ପାଦିକା ଅଞ୍ଜଳି ଜେନା, ଡିଏସଏ ସଂପାଦିକା ଶୁଭସ୍ମିତା ପ୍ରଧାନ ଏବଂ ଡିଏସଏ ସହସମ୍ପାଦକ ଭାବେ ଦୁର୍ଗା ଚରଣ ପଲେଇ ମନୋନୀତ ହୋଇଥିବା ବିଜ୍ଞପ୍ତିରୁ ସୂଚନା ମିଳିଛି। ସେହିପରି ଯୁକ୍ତ ୩ ୧ମ ବର୍ଷ(କଳା) ଶ୍ରେଣୀ ପ୍ରତିନିଧି ସୟଦ୍ ପିଣ୍ଟୁ ଅଲ୍ଲୀ, ଯୁକ୍ତ ତିନି ୨ୟ ବର୍ଷ ଶ୍ରେଣୀ ପ୍ରତିନିଧି ମଧୁସ୍ମିତା ଦାସ, ଯୁକ୍ତ ତିନି ୩ୟ ବର୍ଷ(କଳା) ଶ୍ରେଣୀ ପ୍ରତିନିଧି ଗାୟତ୍ରୀ ବାରିକ ପ୍ରମୁଖ ମନୋନୀତ ହୋଇଛନ୍ତି। ଉକ୍ତ କଲେଜରେ ଚଳିତ ବର୍ଷ ଯୁକ୍ତ ୨ ପାଇଁ ନିର୍ବାଚନ ହୋଇ ନ ଥିବା ଜଣାପଡ଼ିଛି । ବୁଧବାର ବନ୍ତ କଲେଜରେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ନିଷ୍ପତ୍ତି କରାଯାଇ ଚଳିତ ବର୍ଷ ନିର୍ବାଚନ ନ କରି ସହମତି ଭିତ୍ତିରେ ଏହି ଛାତ୍ରସଂସଦ ଗଠନ କରାଯାଇଥିବାରୁ ଏହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

## ନାଆଁମୀ ମହାବିଦ୍ୟାଳୟ: ସଭାପତି ପଦ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

**ଭଣ୍ଡାରିପୋଖରୀ, ୪।୧୦(ଡି.ଏନ.ଏ.)**

ମଞ୍ଜୁରିରୋଡ ସ୍ଥିତ ନାଆଁମୀ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ପାଇଁ ଗୁରୁବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଯାଞ୍ଚ ପରେ ଜଣେ ପ୍ରାର୍ଥୀ ବିନା ପ୍ରତିଦ୍ୱିନ୍ଦିତା ହେବା ନିଶ୍ଚିତ ହୋଇଛି। ଚଳିତବର୍ଷ ମହାବିଦ୍ୟାଳୟର ସଭାପତି ପଦବୀ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବା ସ୍ପଷ୍ଟ ହୋଇଛି। ଏହି ପଦବୀ ପାଇଁ ରାଜେଶ କୁମାର ମଲିକ, ଗାୟତ୍ରୀ ବାରିକ, ଆଦିତ୍ୟ ନାରାୟଣ ପଣ୍ଡା ପ୍ରାର୍ଥୀ ରହିଛନ୍ତି। ସେହିପରି ଉପସଭାପତି ପାଇଁ ଚନ୍ଦନ କୁମାର ବାରିକ, ମଧୁସ୍ମିତା ପାଢୀ, ସାଧାରଣ ସମ୍ପାଦକ ପାଇଁ ରଜତ ମହାକୁଡ ଓ ରେଣୁବାଳା ଜେନାଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱିନ୍ଦିତା ହେବା ନିଶ୍ଚିତ ହୋଇଛି। ସହସମ୍ପାଦକ ଭାବେ ରଶ୍ମୀରେଖା ଦଳେଇ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଚଳିତବର୍ଷ ସଭାପତି ପଦବୀ ପାଇଁ ତ୍ରିମୁଖୀ ଲଢେଇ ହେଉଥିବାରୁ ପରିବେଶ ବେଶ୍ ସରଗରମ ରହିଛି। ଉକ୍ତ କଲେଜରେ ମୋଟ ୨୩ ପଦବୀ ମଧ୍ୟରୁ ୮ ପଦବୀରେ ୧୭ ଜଣ ପ୍ରତିଦ୍ୱିନ୍ଦିତା କରୁଛନ୍ତି। ୨ ଜଣ ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଛନ୍ତି।

## ମିନିଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ

**ଭଣ୍ଡାରିପୋଖରୀ,୪।୧୦(ସ୍ୱ.ପ୍ର.)**

ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ବଦ୍ଧପରିକର। ଗ୍ରାମାଞ୍ଚଳ ସ୍ତରର କ୍ରୀଡ଼ାବିତ୍‌ଙ୍କ ଉନ୍ନତି ପାଇଁ ରାଜ୍ୟ ଯୁବ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବ୍ଲକସ୍ତରୀୟ ମିନିଷ୍ଟାଡିୟମ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଥିବା ଗୁରୁବାର ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଆଦମପୁରଠାରେ ଶ୍ରୀ ଦୋଳଗୋବିନ୍ଦ ଜୀଉ ମିନିଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମତବ୍ୟକ୍ତ କରିଥିଲେ। ୨୫ ଲକ୍ଷ ଟଙ୍କା ବ୍ୟୟରେ ୩ ମାସ ମଧ୍ୟରେ ଏହି ମିନିଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ମନ୍ତ୍ରୀ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଣୀତକାନ୍ତ ସାମଲ, ବହୁଦରଡା ସରପଞ୍ଚ ମୁକୁନ୍ଦଦେବ ସାମଲ, ଆଖୁଆପଦା ବାଲିପୋଖରୀ ସରପଞ୍ଚଙ୍କ ପ୍ରତିନିଧି ଗଗନ ସେଠୀ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ାବିତ୍ ତଥା ଖବରଦାତା ମନୋରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଷ୍ଣୁପୁରର ବିଜେଡି ସଭାପତି ନିରଞ୍ଜନ ବାରିକ ଓ ସମ୍ପାଦକ ଅମୂଲ୍ୟ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ନାଟ୍ୟକାର ଅରୁଣ ବାରିକ, ଶିକ୍ଷାବିତ୍ ମୋହନ ଖିଲାର, ପ୍ରମୋଦ କୁମାର ପରିଡା, ଭିଲେଜ କମିଟି ସମ୍ପାଦକ ସନାତନ ପରିଡା ପ୍ରମୁଖ ଯୋଗଦେଇଥିଲେ। ଆଦମପୁର ୟଙ୍ଗସ୍ ୟୁନାଇଟେଡ କ୍ଲବର କର୍ମକର୍ତ୍ତା ଭାଗବତ ଦାସ, ସରୋଜ ଖିଲାର, ସୁନନ୍ଦ ନାୟକ, ରାଜେନ୍ଦ୍ର ପରିଡା, ଶେଷଦେବ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।


ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମିନିଷ୍ଟାଡିୟମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ସୋସିଆଲ ମିଡିଆ ପ୍ରାର୍ଥିତାଲିକା ମିଛ: ନିରଞ୍ଜନ

**ଭଦ୍ରକ ଅଫିସ,୪।୧୦**

ଓଡ଼ିଶା ଜନସମ୍ପର୍କ ଯାତ୍ରା ପରିପ୍ରେକ୍ଷୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗୁରୁବାର ଏକ ସ୍ୱତନ୍ତ୍ର ବସ୍ ଯୋଗେ ବାଲେଶ୍ୱର ଜିଲା ଗସ୍ତ କରୁଥିବା ବେଳେ ଭଦ୍ରକରେ ପହଞ୍ଚିଥିଲେ। ତାଙ୍କୁ ଏଠାରେ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ୧ ହଜାରରୁ ଊର୍ଦ୍ଧ୍ୱ ବାଇକ୍‌ରେ କର୍ମୀ ଆରଡ଼ି ଛକରୁ ତାଙ୍କୁ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ସହର ମଧ୍ୟଦେଇ ନିରଞ୍ଜନଙ୍କୁ ନିଆଯାଇ ଛପୁଲିଆ ନିକଟରେ ଛଡ଼ାଯାଇଥିଲା। ଏହାପରେ ସେ ବାଲେଶ୍ୱର ଯାତ୍ରା କରିଥିଲେ। ଭଦ୍ରକରେ ପହଞ୍ଚିଥିବା ବେଳେ ବଙ୍କବାସୁଲୀ ମନ୍ଦିର ସମ୍ମୁଖରେ ସଭାପତି ପଟ୍ଟନାୟକ ଖବରଦାତାଙ୍କୁ ସମ୍ବୋଧନ କରି କହିଥିଲେ, ଉଭୟ ବିଜେଡି ଓ ଭାଜପାଠାରୁ ସମ ଦୂରତା ବଜାୟ ରଖି କଂଗ୍ରେସ ରାଜ୍ୟରେ ଆଗାମୀ ନିର୍ବାଚନ ଲଢିବ। ସୋସିଆଲ ମିଡିଆରେ ପ୍ରକାଶ ପାଇଥିବା କଂଗ୍ରେସର ୪୪ ଜଣିଆ ପ୍ରାର୍ଥୀ ତାଲିକା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ ସ୍ପଷ୍ଟ କରିଥିଲେ। ତାଙ୍କ ସହ ଯାତ୍ରା କରୁଥିବା ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ଉପସଭାପତି ଦେବାଶିଷ ପଟ୍ଟନାୟକ, ପଦ୍ମାକର ଗୁରୁ ପ୍ରମୁଖଙ୍କୁ ମଧ୍ୟ ଏଠାରେ ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରାରେ ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାଶ, ପୂର୍ବତନ ବିଧାୟକ ନରେନ ପଲେଇ, ଭଣ୍ଡାରିପୋଖରୀ ନେତା ସୁବ୍ରତ ଦାସ, ଧାମନଗର ନେତା ହୃଦାନନ୍ଦ ସେଠୀ, ପିସିସି ସମ୍ପାଦକ ସତ୍ୟାନନ୍ଦ ରାଉତ, ଶୁଭେନ୍ଦୁ ରାୟ ମହାପାତ୍ର, ଜ୍ୟୋତିପ୍ରକାଶ ମହାନ୍ତି, ଗୁଲାମ ମଇଉଦ୍ଦିନ, ପ୍ରକାଶଜ୍ୟୋତି ମହାକୁଡ, ଜିଲା ଛାତ୍ର କଂଗ୍ରେସ ସଭାପତି ବଳରାମ ରାଉତ, ପୂର୍ବତନ କାଉନସିଲର ଅତୁଲ୍ୟ ନାୟକ, ଅସରଫ ଅଲ୍ଲୀ, ଅଶୋକ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।



କଂଗ୍ରେସର ବାଇକ୍ ଶୋଭାଯାତ୍ରା।

## 'ନୀଳମଣି ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ'

**ବାସୁଦେବପୁର,୪।୧୦(ଡି.ଏନ.ଏ.)**

ବାସୁଦେବପୁର ଅଞ୍ଚଳର ଗର୍ବ ଓ ଗୌରବ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ନୀଳମଣି ରାଉତରାୟ ସ୍ମୃତି କମିଟି ପକ୍ଷରୁ ପାଳିତ ହୋଇଯାଇଛି। ବାସୁଦେବପୁର ସହର ମଧ୍ୟରେ ଥିବା ନୀଳମଣି ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ବିମଳ କୁମାର ରାୟଙ୍କ ସଂଯୋଜନାରେ ସ୍ମୃତିଚାରଣ ସଭା ହୋଇଥିଲା। ନୀଳମଣି ରାଉତରାୟ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ବାସୁଦେବପୁର ଓ ରାଜ୍ୟର ବିକାଶରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ମୁଖ୍ୟଅତିଥି ବିଧାୟକ ମଣ୍ଡଳ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଦୁଃଶାସନ ରାଉତ, ଧାମନଗରର ପୂର୍ବତନ ବିଧାୟକ ବିନୋଦ ନାୟକ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, କାଉନସିଲର ମାନସ ରଞ୍ଜନ ସାହୁ, ଯୁବ ବିଜେଡି ବ୍ଲକ ସଭାପତି ଅସିତ ଦାଶ, ଜିଲା ଉପସଭାପତି ଦେବଦର୍ଶନ ଦାଶ, ମଣିଭଦ୍ର ମଲିକ, ଉମେଶ ପାତ୍ର, ମଦନ ମୋହନ ବାରିକ, ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ନୀଳମଣିଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ଗୀତାପାଠ କରାଯାଇଥିଲା।

## ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

**ଚାନ୍ଦବାଲି,୪।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଗୋପୀନାଥପୁର ପଞ୍ଚାୟତର ହଳଦିଆ ଉନ୍ନୀତ ଉ.ପ୍ରା. ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ଅନ୍ୟତ୍ର ବଦଳିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଶିକ୍ଷକଙ୍କ ବଦଳି ବାତିଲ ଦାବି କରି କେତେକ ଅଭିଭାବକ ଗୁରୁବାର ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲ ବାହାରେ ରହିଥିଲେ। ଖବର ପାଇ ବିଇଓ ପ୍ରଣୟ କୁମାର ନାୟକ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିବା ସହ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା ପରେ ଉକ୍ତ ଶିକ୍ଷକଙ୍କ ବଦଳି ବାତିଲ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଇଓ ନାୟକ ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ବିଦ୍ୟାଳୟରୁ ତାଲା ଖୋଲିଥିଲେ। ପରେ ବିଦ୍ୟାଳୟ ସ୍ୱାଭାବିକ ଭାବେ ଚାଲିଥିଲା।

ଉଲ୍ଲେଖନୀୟ ଯେ, ଭଦ୍ରକ ଜିଲାରେ ୭୧ଟି ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ସେଥିମଧ୍ୟରୁ ଚାନ୍ଦବାଲି ବ୍ଲକର ୧୩ଟି ବିଦ୍ୟାଳୟର ଅବସ୍ଥା ଏହିପରି। ଜିଲା ପ୍ରଶାସନର ନିଷ୍ପତ୍ତି ଓ ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ଅନୁପାତକୁ ଆଧାର କରି ଯେଉଁ ସ୍କୁଲରେ ଅଧିକ ଶିକ୍ଷକ ଅଛନ୍ତି ସେମାନଙ୍କୁ ଜଣେ ଶିକ୍ଷକ ଥିବା ବିଦ୍ୟାଳୟକୁ ବଦଳି କରାଯାଇଛି। ଏହି ଆଧାରରେ ହଳଦିଆ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ନିକଟସ୍ଥ ଗଙ୍ଗାଧରପୁର ସ୍କୁଲକୁ ବଦଳି କରାଯାଇଛି। ହଳଦିଆ ସ୍କୁଲରେ ୧ମରୁ ୮ମ ପର୍ଯ୍ୟନ୍ତ ମୋଟ ୨୦୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଠାରେ ୮ ଶ୍ରେଣୀ ପାଇଁ ୮ ଜଣ ଶିକ୍ଷକ ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।


ସ୍କୁଲରେ ତାଲା ପଡ଼ିଥିବାରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ବାହାରେ ଅଛନ୍ତି।

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବସ୍ତା, ୪।୧୦(ସ୍ୱ.ପ୍ର.):** ରାସଗୋବିନ୍ଦପୁର ଥାନା ଅଧୀନ ରାଇଶୋଳ ଗ୍ରାମ ପୋଖରୀରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଗୁରୁବାର ଉଦ୍ଧାର ହୋଇଛି। ସକାଳେ କେତେକ ଲୋକ ପୋଖରୀକୁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଗ୍ରାମରକ୍ଷୀଙ୍କୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି। ଆଖିପତାରୁ ରକ୍ତ ସ୍ରାବ ହେବା, ବେକମୂଳ ଫୁଲିବା ଆଦି ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।

### ୬ ଚୋରା ମଦ ବେପାରୀ ଗିରଫ

**ସୋର/ଜଳେଶ୍ୱର, ୪।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲାରେ ପୃଥକ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରାଯାଇଛି। ଜିଲା ଅବକାରୀ ଅଧକ୍ଷ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ କରୁଣା ଶଙ୍କର ତିୱାରି ତତ୍ତ୍ୱାବଧାନରେ ୩ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ସିମୁଳିଆ ଥାନା ଅନ୍ତର୍ଗତ ଅନ୍ତରା ଗ୍ରାମର କେଶବ ସାହାଣି, ଗଣେଶ ବେହେରା, ରବୀନ୍ଦ୍ର ପାଢ଼ି। ସେମାନଙ୍କ ଠାରୁ ମୋଟ ୪୬୦ ଲିଟର ଦେଶି ରନ୍ଧା ମଦ ଜବତ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେହିପରି ଜଳେଶ୍ୱର ଓ ଭୋଗରାଇ ଥାନା ଅଞ୍ଚଳରେ ଅତର୍କିତ ଭାବେ ଚଢ଼ାଉ କରି ୫୦୦ ଲିଟର ରନ୍ଧା ଦେଶୀମଦ ଓ ୪ ଲିଟର ବେଆଇନ୍ ବିଦେଶୀମଦ ଜବତ କରିବା ସଙ୍ଗେ ସଙ୍ଗେ ୩ ଅଭିଯୁକ୍ତଙ୍କୁ ଗିରଫ୍ କରିଛି। ସେମାନେ ହେଲେ ଶିତାଂଶୁ ସେଠୀ, ବଂଶୀଧର ମହାନ୍ତି(୬୦) ରାଇବଣିଆ ଥାନା ଗୁରୁଦାସପୁର ଗ୍ରାମର ଜୟକୃଷ୍ଣ ଦାସ। ଉକ୍ତ ଚଢ଼ାଉରେ ଜଳେଶ୍ୱର ଅବକାରୀ ଏସଆଇ ହରପ୍ରସାଦ ରଣା,ଏଏସଆଇ ଦଳଗୋବିନ୍ଦ ଧଳ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ଗୋରୁ ବୋଝେଇ ପିକ୍ଅପ୍ ଦୁର୍ଘଟଣାଗ୍ରସ୍ତ, ୩ ଗାଈ ମୃତ



**ଜଳେଶ୍ୱର, ୪।୧୦(ଡି.ଏନ.ଏ.):** ଗୁରୁବାର ଭୋର୍ ସମୟରେ ଜଳେଶ୍ୱର ମଧ ଦେଇ ଯାଇଥିବା ୬୦ନଂ. ଜାତୀୟ ରାଜପଥର ନନ୍ଦିକା ବାଇପାସ୍‌ଠାରେ ଏକ ଗୋରୁ ବୋଝେଇ ପିକ୍ଅପ୍(ନଂ.ଓଡି ୦୧ଏମ୍-୮୧୧୯) ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସେଥିରେ ଥିବା ୧୮ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମଧ୍ୟରୁ ୩ ଗାଈର ଦୁର୍ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଆଉ ୩ ଗୋରୁ ଗୁରୁତର ଅବସ୍ଥାରେ ରହିଛନ୍ତି। ଏହି ଗାଡ଼ିଟି କଲିକତାର ଏକ କଂସେଇଖାନାକୁ ଯାଉଥିଲା। ଦୁର୍ଘଟଣାସ୍ଥଳରେ ପାଖ ନନ୍ଦିକା ଗ୍ରାମର ମୁନା ପାତ୍ର, ଗୋପାଳ ପାତ୍ର, ଅମୂଲ୍ୟ ପାତ୍ର, ସରୋଜ ପାତ୍ର ଓ ଆରୁହା ଗ୍ରାମର ଯଦୁନାଥ ଦାସ ପ୍ରମୁଖ ପହଞ୍ଚି ଆହତ ଗୋରୁଗୁଡ଼ିକୁ ଉଦ୍ଧାର କରି ସ୍ଥାନୀୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଡକାଇ ଚିକିତ୍ସା କରାଇଥିଲେ। ଦୁର୍ଘଟଣା ଯୋଗୁ ଜାତୀୟ ରାଜପଥରେ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବିଳମ୍ବରେ ସ୍ଥାନୀୟ ପୋଲିସ ପହଞ୍ଚିବା ନେଇ ଚାପା ଉତ୍ତେଜନା ଦେଖାଦେଇଥିଲା। ଜଳେଶ୍ୱର ପୋଲିସ ଦୁର୍ଘଟଣାଗ୍ରସ୍ତ ପିକ୍ଅପକୁ ଜବତ କରିବା ସହ ୩ ଗାଈକୁ ଚିକିତ୍ସା କରାଉଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୯୯/୨୦୧୮) ରୁଜୁ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ତାଲିକା ଚୂଡ଼ାନ୍ତ, ବଢ଼ୁଛି ଉତ୍କଣ୍ଠା

**ବାଲେଶ୍ୱର ଅଫିସ, ୪।୧୦**

**ଛାତ୍ର ସଂସଦ ନିର୍ବାଚନ**
- ଏଫ୍‌ଏମ୍ କଲେଜରେ ୬୦ ଆଶାୟୀ ପ୍ରାର୍ଥୀ
- କେକେଏସ୍‌ରେ ୩୪ ଆଶାୟୀ, ନିର୍ଦ୍ୱନ୍ଦ୍ୱ ୪

ବାଲେଶ୍ୱର ଜିଲାରେ ମୋଟ ୨୦ଟି କଲେଜ ମଧ୍ୟରୁ ୧୩ଟି କଲେଜରେ ଛାତ୍ର ସଂସଦ ନିର୍ବାଚନ ହେଉଥିବା ବେଳେ ୭ଟି କଲେଜରେ ବାତିଲ୍ ହୋଇଛି। ବୁଧବାର ବାଲେଶ୍ୱର ସହରରେ ଅବସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୨ଟି ପଦବୀ ପାଇଁ ୬୮ ଆଶାୟୀ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଗୁରୁବାର ଯାଞ୍ଚ ହେବା ପରେ ଫକୀରମୋହନ କଲେଜରେ ୮ଜଣ ପ୍ରାର୍ଥୀଙ୍କର ନାମାଙ୍କନ ପତ୍ର ନାକଚ ହୋଇଛି। ସଭାପତି ପଦବୀରେ ଦୁର୍ଗେଶ ଗଣେଶ ରାଓ, ହରିହର ଜେନା, ସୁଶାନ୍ତ ଜେନା ଏବଂ ସମ୍ପାଦକ ପଦବୀରେ ଅଲିଭା ମିଶ୍ର, ମନମୋହନ ପଣ୍ଡା, ସ୍ୱାଭିମାନ ପ୍ରଧାନ ମୁଖ୍ୟ ପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି।

ସେହିପରି କୁନ୍ତଳା କୁମାରୀ ସାବତ (କେକେଏସ୍) ମହିଳା ମହାବିଦ୍ୟାଳୟରେ ୧୮ ପଦବୀ ପାଇଁ ୪୦ ଆଶାୟୀ ପ୍ରାର୍ଥିନୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଗୁରୁବାର ଯାଞ୍ଚ ହେବା ପରେ ୨ଜଣ ପ୍ରାର୍ଥିନୀଙ୍କର ନାମାଙ୍କ ପତ୍ର ନାକଚ ହୋଇଥିବା ବେଳେ ୪ଜଣ ପ୍ରାର୍ଥିନୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ସଭାପତି ପଦବୀରେ ପ୍ରୀତିରେଖା ନାୟକ, ପୂଜାଲିନା ଦାସ, ସୌମ୍ୟା ସ୍ୱରୂପା ଦାସ ଏବଂ ସମ୍ପାଦିକା ପଦବୀରେ ମୃଣାଳିନୀ ମିଶ୍ର, ରଶ୍ମିତା ନାୟକ, ଶିବାନୀ ନାୟକ ପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଡିଏସ୍‌ଏ ସହ-ସମ୍ପାଦିକା ଭାବେ ଅନ୍ନପୂର୍ଣ୍ଣା ଜେନା, ଏସ୍‌ଏସ୍‌ଜି ସମ୍ପାଦିକା ଭାବେ ମସରୁଫା ଖାତୁନ ଓ ସହସମ୍ପାଦିକା ଭାବେ ପ୍ରଭାତୀ ସେଠୀ, ସାଇନ୍ସ ସୋସାଇଟି ସହ ସମ୍ପାଦିକା ଭାବେ ଉଜ୍ଜୟିନୀ ସେଠୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବାର କର୍ତ୍ତୃପକ୍ଷମାନେ ଘୋଷଣା କରିଛନ୍ତି।



ବିଜୟୀ ପ୍ରାର୍ଥୀଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଜଣାଯାଉଛି।

## ଫକୀରମୋହନ ବିଶ୍ୱବିଦ୍ୟାଳୟ
## ସାର୍ଥକ ସାଂସ୍କୃତିକ ସମ୍ପାଦକ

**ବାଲେଶ୍ୱର ଅଫିସ, ୪।୧୦**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନରେ ସାଂସ୍କୃତିକ ସମ୍ପାଦକ ପାଇଁ ଅନ୍ୟ କୌଣସି ଦଳର ପ୍ରାର୍ଥୀ ନିଜର ନାମାଙ୍କନ ପତ୍ର ଦାଖଲ କରି ନ ଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସାଂସ୍କୃତିକ ସମ୍ପାଦକ ପ୍ରାର୍ଥୀ ସାର୍ଥକ ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ଏବିଭିପି ପକ୍ଷରୁ ମିଠା ବଣ୍ଟନ କରାଯିବା ସହ ଧୁମ୍‌ଧାମ୍‌ରେ ବିଜୟ ଉତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗ ସଂଯୋଜକ ସୁବ୍ରତ କୁମାର ଧଳ, ଜିଲା ସଂଗଠନ ମନ୍ତ୍ରୀ ସୌଭାଗ୍ୟ ମହାନ୍ତି, ନଗର ଉପସଭାପତି ପ୍ରତ୍ୟୁଷ ବେହେରା, ସମ୍ପାଦକ ମନୋଜ କୁମାର ସାହୁ, ତନ୍ମୟ ମହାପାତ୍ର, ଦୀପକ ଭରଦ୍ୱାଜ, ନମିତା ପାତ୍ର, ଜ୍ୟୋତି ବିଶ୍ୱାଳ, ସହଦେବ ପାଣି, ଦୀପ୍ତିକାନ୍ତ ପଢ଼ିହାରୀ, ଦୁର୍ଗାପ୍ରସାଦ ନାୟକ, ଶ୍ୱାତୀ ପଣ୍ଡାଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସୁଶାନ୍ତ ସଭାପତି, ମୋତିରଞ୍ଜନ ସାଧାରଣ ସମ୍ପାଦକ

**ଖଇରା, ୪।୧୦(ଡି.ଏନ.ଏ)**

**ଖଇରା ମହାବିଦ୍ୟାଳୟ**



ଖବରଦାତା ସମ୍ମିଳନୀରେ ବିଜୟୀ ପ୍ରାର୍ଥୀ।

ଛାତ୍ର ସଂସଦ ନିର୍ବାଚନର ଗୁରୁବାର ଥିଲା ପ୍ରତ୍ୟାହାର ଦିବସ। ଖଇରା ମହାବିଦ୍ୟାଳୟରେ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବା ଏବିଭିପି ସମର୍ଥିତ ପ୍ରାର୍ଥୀମାନେ ସମସ୍ତ ପଦବୀରୁ ନାମାଙ୍କନ ପ୍ରତ୍ୟାହାର କରିବା ପରେ ବିସିଜେଡି ଛାତ୍ରୀଛାତ୍ରମାନେ ନିର୍ଦ୍ୱନ୍ଦ୍ୱରେ ବିଜୟ ଲାଭ କରିଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ସଭାପତି ଭାବେ ସୁଶାନ୍ତ କୁମାର ଜେନା, ସାଧାରଣ ସମ୍ପାଦକ ଭାବେ ମୋତିରଞ୍ଜନ ବାରିକ, ଉପସଭାପତି ଭାବେ ଆଶୁତୋଷ ଧିନ୍ଦା, ସହ ସମ୍ପାଦକ ଭାବେ ବିଶ୍ୱରଞ୍ଜନ ପାଣିଗ୍ରାହୀ, ଛାତ୍ରୀ ପ୍ରତିନିଧି ଭାବେ ପ୍ରିୟଙ୍କାମୟୀ ଜେନା, ନାଟ୍ୟ ସଂସଦ ସମ୍ପାଦକ ଭାବେ ସତ୍ୟଜିତ ବେହେରା, ସହସମ୍ପାଦକ ଭାବେ ଆକାଶ ନାୟକ, କ୍ରୀଡା ସଂସଦ ସମ୍ପାଦକ ଭାବେ ସତ୍ୟସୌରଭ ପାଣିଗ୍ରାହୀ, ସହସମ୍ପାଦକ ଭାବେ ସୁଦର୍ଶନ ନାୟକ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ପକ୍ଷରୁ ଖଇରାଠାରେ ଗୁରୁବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ବିଜୁ ଛାତ୍ର ଜନତା ସଭାପତି ମାନସ ରଞ୍ଜନ ଦାଶ ଅଧ୍ୟକ୍ଷତା କରିଥିଲେ। ବିଜୟୀ ଛାତ୍ର ସଂସଦ ସଭାପତି ଜେନା ଓ ସମ୍ପାଦକ ବାରିକ ବକ୍ତବ୍ୟରେ ବିଜୟର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଦେଇଥିଲେ। ବୈଠକରେ ବିଜେଡି ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତି, ସମ୍ପାଦକ ପ୍ରହ୍ଲାଦ ପତି, ସୁଶାନ୍ତ ନାୟକ, ସୌମ୍ୟରଞ୍ଜନ ନାୟକ, ପ୍ରଦୀପ ସାହୁ, ନରେନ୍ଦ୍ର ଧର, ଜୟନ୍ତୀ ମହଲା, ରମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟାହାର ସମ୍ପର୍କରେ ଏବିଭିପି ୟୁନିଟ୍ ମୁଖ୍ୟ ବଳରାମ ସାହୁଙ୍କୁ ପଚାରିବାରେ ପ୍ରାର୍ଥୀମାନଙ୍କୁ ସୁରକ୍ଷା ଓ ଅର୍ଥ ପ୍ରସଙ୍ଗକୁ ନେଇ ଉପରିସ୍ଥ ନେତୃବୃନ୍ଦଙ୍କ ପରାମର୍ଶ କ୍ରମେ ପ୍ରାର୍ଥୀମାନଙ୍କୁ ପ୍ରତ୍ୟାହାର କରିବାକୁ କୁହାଯାଇଥିଲା ବୋଲି କହିଛନ୍ତି।

## ଶାନ୍ତିଲତା କଲେଜ
## ୭ ପଦବୀରେ ୧୪ ପ୍ରାର୍ଥୀ, ୫ ଅପ୍ରତିଦ୍ୱନ୍ଦ୍ୱୀ

**ରୂପ୍‌ସା, ୪।୧୦(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅଧୀନ ଉଇଟିକିରି ଶାନ୍ତିଲତା ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ର ସଂସଦ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଗୁରୁବାର ପ୍ରକାଶ ପାଇଛି। ବୁଧବାର ଦାଖଲ ହୋଇଥିବା ପ୍ରାର୍ଥିପତ୍ର ଗୁରୁବାର ଯାଞ୍ଚ ଓ ପ୍ରତ୍ୟାହାର ପରେ ଏହି ତାଲିକା ପ୍ରକାଶ ହୋଇଛି। ୭ ପଦବୀ ପାଇଁ ୧୪ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ବେଳେ ୫ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଛନ୍ତି। ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଡିଏସ୍‌ଓ ସେକ୍ରେଟାରୀ ତାପସ କୁମାର ବାରିକ, ଆସିଷ୍ଟାଣ୍ଟ ଡ଼ିଏସ୍‌ଓ ସେକ୍ରେଟାରୀ କିଶାନ କୁମାର ଗୋଛାୟତ, ଆସିଷ୍ଟାଣ୍ଟ ଆଥଲେଟିକ ସେକ୍ରେଟାରୀ ଦିଲୀପ କୁମାର ବେହେରା, ଆସିଷ୍ଟାଣ୍ଟ କଲଚୁରାଲ ସେକ୍ରେଟାରୀ ଜୀବନ କୁମାର ରାଉତ ଓ ଜିସିଆର ସେକ୍ରେଟାରୀ ରଶ୍ମିତା ବେହେରା ବିଜୟୀ ହୋଇଛନ୍ତି। ସଭାପତି ପଦବୀରେ ଜୟନ୍ତ କୁମାର ବେହେରା ଓ ପର୍ଶୁରାମ ବାରିକ, ଉପସଭାପତି ପଦବୀରେ ଯଦୁ କୁମାର ପ୍ରମାଣିକ ଓ ସନ୍ଧ୍ୟାରାଣୀ ଜେନା, ସାଧାରଣ ସମ୍ପାଦକ ଭାବେ ପୁରଞ୍ଜନ ବେହେରା ଓ ସ୍ୱରୂପ ପରିଡ଼ା, ସହ-ସାଧାରଣ ସମ୍ପାଦକ ଭାବେ ହରପ୍ରିୟା ରଣା ଓ ସୁବ୍ରତ କୁମାର ପ୍ରଧାନ, କ୍ରୀଡ଼ା ସମ୍ପାଦକ ଭାବେ କାହ୍ନୁଚରଣ ବେହେରା ଓ ରମାକାନ୍ତ ବେହେରା ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ନୀଳମଣି ମହାବିଦ୍ୟାଳୟ
## ୨୨ ପଦବୀ ଲାଗି ୪୪ ଆଶାୟୀ

**ରୂପ୍‌ସା, ୪।୧୦(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ର ସଂସଦ ନିର୍ବାଚନ ପାଇଁ ଗୁରୁବାର ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ୨୨ପଦବୀ ପାଇଁ ୪୪ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିବାରୁ ଏଠାରେ ବିଜୁ ଛାତ୍ର ଜନତା ଦଳ ଓ ଛାତ୍ର କଂଗ୍ରେସ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସଭାପତି ପଦବୀରେ ବିନୋଦ ନାୟକ ଓ ଶୁଭଜିତ ପରିଡ଼ା, ଉପସଭାପତି ପଦବୀରେ ଅଞ୍ଜଳି ଜେନା ଓ ମୀନାରାଣି ଜେନା, ସମ୍ପାଦକ ପଦବୀରେ ଭରତ ଦଳାଇ ଓ ସୁରେନ୍ଦ୍ର ଗିରି, ସହସମ୍ପାଦକ ଭାବେ ଯୋଗେଶ ଚନ୍ଦ୍ର ଚକ୍ରବର୍ତ୍ତୀ ଓ ସସ୍ମିତା ବେହେରା, କ୍ରୀଡ଼ା ସମ୍ପାଦକ ଭାବେ ମନୋରଞ୍ଜନ ଦାଶ ଓ ସ୍ୱାଭିମାନ ଜେନା, ଡ୍ରାମାଟିକ ସେକ୍ରେଟାରୀ ମନୋଜ କୁମାର ରାଉତ ଓ ସୁଚିସ୍ମିତା ଷଣ୍ଢ, ଜିସିଆର ସେକ୍ରେଟାରୀ ବିଷ୍ଣୁ ପ୍ରିୟା ପରିଡ଼ା ଓ ମଧୁସ୍ମିତା ନାୟକ, ସାଇନ୍ସ ସୋସାଇଟି ସେକ୍ରେଟାରୀ ପଦବୀରେ ରାଜେଶ କୁମାର ଗିରି ଓ ସୁମନ ମିଶ୍ର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର, ଔଷଧ ପଣ୍ୟାଗାର ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ,୪।୧୦**

ବାଲେଶ୍ୱର ସହରସ୍ଥିତ ସହଦେବଖୁଣ୍ଟାଠାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ପୂର୍ବାହ୍ନରେ ଶୁଭ ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପୁରୁଣା କୋଠାରେ ଚାଲୁଥିଲା। ଏବେ ନୂତନ କୋଠା ହେବା ପରେ ଚିକିତ୍ସା କ୍ଷେତ୍ରରେ ରହିଥିବା ଆନୁଷଙ୍ଗିକ ଅସୁବିଧାଗୁଡ଼ିକ ଦୂର ହୋଇପାରିବ ବୋଲି ମନ୍ତ୍ରୀ ଜେନା ପ୍ରକାଶ କରିଛନ୍ତି। ଏହି ନୂତନ କୋଠା ୬୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଛି। ଏଠାରେ ଡାକ୍ତରଙ୍କ ଚିକିତ୍ସା ପରାମର୍ଶ କୋଠରୀ, ଡ୍ରେସିଂ ରୁମ୍, ଔଷଧ ବିତରଣ କୋଠରୀ, ଆଶୁ ଚିକିତ୍ସା କୋଠରୀ ଓ ଶୌଚାଳୟ ରହିଛି। ଏହାର ପରିଚାଳନା ଦାୟିତ୍ୱ 'ପୁନରୁତ୍ଥାନ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଆଯାଇଥିବା ବେଳେ ଏହା ପିପିପି (ସରକାରୀ ଏବଂ ଘରୋଇ ସହଭାଗିତା)ରେ କାର୍ଯ୍ୟକାରୀ ହେଉଛି।

ସେହିପରି ଅପରାହ୍ନରେ ଔପଦା ବ୍ଲକସ୍ଥିତ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନବନିର୍ମିତ ଔଷଧ ପଣ୍ୟାଗାରକୁ ମନ୍ତ୍ରୀ ଜେନା ଉଦ୍‌ଘାଟନ କରିଥିଲେ। ଏହା ୪୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ସହଦେବଖୁଣ୍ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରୁଛନ୍ତି।

## ଅଭୟାରଣ୍ୟ ପାଦଦେଶରେ ପାଣିଟାଙ୍କି ଶିଳାନ୍ୟାସ

**ସଜନାଗଡ଼, ୪।୧୦(ଡି.ଏନ.ଏ.)**

କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଥିବା ତେଣ୍ଡା ଗ୍ରାମରେ ଦୀର୍ଘଦିନ ହେଲା ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏଠାରେ ଏକ ପାଣିଟାଙ୍କି ଯୋଗାଇଦେବା ଲାଗି ସ୍ଥାନୀୟ ବାସିନ୍ଦା ଦାବି କରି ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତରଫରୁ ୮୩ଲକ୍ଷ ଟଙ୍କା ବ୍ୟୟରେ ୧ଲକ୍ଷ ଲିଟର ବିଶିଷ୍ଟ ଏକ ପାଣିଟାଙ୍କି ମଙ୍ଗଳବାର ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସହଯୋଗ କରିଥିଲେ।

## ଗରସଙ୍ଗରେ ମିଶ୍ରଣ କାର୍ଯ୍ୟକ୍ରମ

**ଖଇରା, ୪।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗରସଙ୍ଗ ପଞ୍ଚାୟତ ଅଧୀନ ବଉଳାଣି ଗ୍ରାମରେ ବୁଧବାର ପଦଯାତ୍ରା ସାଙ୍ଗକୁ ଉଦ୍‌ଘାଟନ ଓ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବଉଳାଣି ଗ୍ରାମରେ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନୱାଡି କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ପରେ କୃଷ୍ଣପୁର ଗ୍ରାମରୁ ବଉଳାଣି ପର୍ଯ୍ୟନ୍ତ ପଦଯାତ୍ରା ଆୟୋଜନ କରାଯାଇଥିଲା। ସଭାରେ ୫ନମ୍ବର ୱାର୍ଡସଭ୍ୟା ତିଳୋତ୍ତମା ସ୍ୱାଇଁ ବହୁ ସମର୍ଥକଙ୍କ ସହ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦାନ କରିଥିଲେ। ସଭାରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ମହିଳା ମୋର୍ଚ୍ଚା ସଭାପତି ଛବିଲତା ମହାପାତ୍ର, ଜୟନ୍ତୀ ପତି, ବ୍ଲକ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି, ଗରସଙ୍ଗ ସରପଞ୍ଚ ସସ୍ମିତା ପଟ୍ଟନାୟକ, ଏମ୍‌ପିଙ୍କ ପ୍ରତିନିଧି ରାଜେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନରେନ୍ଦ୍ର ମହାନ୍ତି, ପବିତ୍ର ମୋହନ ସାହୁ, ହରିହର ସେଠୀ, ମଙ୍ଗରାଜ ବାରିକ ପ୍ରମୁଖ ସହଯୋଗ କରିଥିଲେ।



ନୂତନ ଭାବେ ବିଜେଡିରେ ସାମିଲ ହୋଇଥିବା ବିଭିନ୍ନ ଦଳର କର୍ମୀଙ୍କ ଗହଣରେ ବିଧାୟକ।

## ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

**ଖଇରା, ୪।୧୦**

ଖଇରା ଉପଖଣ୍ଡରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଉପଭୋକ୍ତା ଅତିଷ୍ଠ ହୋଇପଡୁଛନ୍ତି। ଦିନକୁ ଅନ୍ୟୁନ ୧୦ଘଣ୍ଟାରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ କାଟ ହେଉଛି। ଏହା ଦ୍ୱାରା ଡାକ୍ତରଖାନାରେ ରୋଗୀ ଛଟପଟ ହେବା, ଅଫିସ କାର୍ଯ୍ୟ ସୁରୁଖୁରୁରେ ଚାଲି ନ ପାରିବା ତଥା ପିଲାଙ୍କ ପଢାରେ ସମସ୍ୟା ଭଳି ବ୍ୟାଘାତ ସୃଷ୍ଟି ହେଉଛି। ଏ ନେଇ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନି। ଏହାର ପ୍ରତିବାଦରେ ଧାରଣାକୁ ଓହ୍ଲାଇବାକୁ ଖଇରା ଜନଜାଗରଣ ମଞ୍ଚ ଚେତାବନୀ ଦେଇଛି। ମଞ୍ଚ ସଭାପତି ଉମେଶ ଚନ୍ଦ୍ର ନାୟକ ଓ ସମ୍ପାଦକ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ବୁଧବାର ନେସ୍କୋ ସହକାରୀ ଯନ୍ତ୍ରୀ ମୀନକେତନ ମହାପାତ୍ର ଓ ଖଇରାର ବିଦ୍ୟୁତ୍ ରକ୍ଷଣାବେକ୍ଷଣକାରୀ କମ୍ପାନୀ ଆକାଂକ୍ଷାର ପରିଚାଳକ ସୁଶୀଲ ସାମଲ ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଖଇରା ବଜାରରେ ଜନସାଧାରଣ ଓ ବ୍ୟବସାୟୀଙ୍କ ସୁବିଧା ପାଇଁ ୫ଟି ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ମୀନକେତନ ମହାପାତ୍ର କହିଛନ୍ତି ଯେ, ବାଲେଶ୍ୱର ଗ୍ରୀଡ୍‌ରେ ସମସ୍ୟା ପାଇଁ ବର୍ତ୍ତମାନ ବିଦ୍ୟୁତ୍ ବିଭ୍ରାଟ ଲାଗି ରହୁଛି। ୩ କିମ୍ବା ୪ ଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।

## ପଦଯାତ୍ରାରେ ସାମିଲ ହେଲେ ମନ୍ତ୍ରୀ

**ସଜନାଗଡ଼, ୪।୧୦(ଡି.ଏନ.ଏ.)**

ନୀଳଗିରି ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ଜନସମ୍ପର୍କ ପଦଯାତ୍ରା ବାହାରିଥିଲା। ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ସନ୍ତରାଗଡିଆ ବଜାରରୁ ଏହି ପଦଯାତ୍ରା ବାହାରି ଈଶ୍ୱରପୁର ନିକଟରେ ପହଞ୍ଚିଥିଲା। ପଦଯାତ୍ରାରେ ମନ୍ତ୍ରୀ ପ୍ରତାପ ଜେନା ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ଭାଗବତ ଖିଲାର, ଯୁବ ବିଜେଡି ସଭାପତି ଦୀପକ ଦାସ, ଉପସଭାପତି ବିଜୟ ପ୍ରଧାନ, ମିଡିଆ ସଂଯୋଜକ କପିଳ ସାମଲ, ସାମାଜିକ କର୍ମୀ ବସନ୍ତ ରାଉଳ, ଶ୍ୟାମସୁନ୍ଦରପୁର ସରପଞ୍ଚ ଉଷାରାଣୀ ରାଉଳ, ନାଏବ ସରପଞ୍ଚ ନିତ୍ୟାନନ୍ଦ ରାଉତ, ଭାନୁ ପଟ୍ଟନାୟକ, ଯୁବନେତା ଦେବେନ୍ଦ୍ର ପଣ୍ଡା, ଗୟାଧର ସେଠୀ, ଅନୁ ବିଶ୍ୱାଳଙ୍କ ସମେତ ଶତାଧିକ ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ।



ବାଲେଶ୍ୱର ଜିଲା ବାହାନଗାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟ କମ୍ପାନୀର ଜେନେରାଲ ମ୍ୟାନେଜର ପ୍ରଭେଜ ପିଲେ, ବିଆରଓ ଉତ୍ତମ କୁମାର ଜେନା, ଏପିଆରଓ ସଞ୍ଜୀବ ସାହୁ ସୂଚନା ଦେଉଛନ୍ତି। ନିଯୁକ୍ତି ସୁଯୋଗ ସୃଷ୍ଟି କରି ଅଞ୍ଚଳର ବିକାଶ ଦିଗରେ କାର୍ଯ୍ୟ କରୁଥିବା ଏହି ସଂସ୍ଥା ବିରୋଧରେ କେତେ ଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଯେଉଁଭଳି ବିଭ୍ରାନ୍ତିକର ଅଭିଯୋଗ ଆଣୁଛନ୍ତି ତାହାକୁ ଏହି ଅଧିକାରୀମାନେ ଖଣ୍ଡନ କରି ଜିଲା ଶିଶୁ ସୁରକ୍ଷା ସମିତିର ଚଢାଉ ପରେ ପ୍ରକୃତ ସତ୍ୟ ପଦାକୁ ଆସିଛି ବୋଲି କହିଥିଲେ।

## ୪୬ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ବାଲେଶ୍ୱର ଅଫିସ,୪।୧୦**

ଫକୀରମୋହନ ଚାରୁ ଓ କାରୁକଳା ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ଅବସରରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ଶାନ୍ତିକାନନ, ସଂସ୍କୃତିଭବନ ପରିସରରେ ନିଜର କଳା ଓ ସଙ୍ଗୀତ ପ୍ରତିଭାର ପରକାଷ୍ଠା ଦେଖାଇ ୪୬ଜଣ ପୁରସ୍କୃତ ହୋଇଥିଲେ। ଆୟୋଜିତ ଉତ୍ସବରେ ଅନୁଷ୍ଠାନ ସଭାପତି କୃଷ୍ଣଗୋପାଳ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କୁନି କୁନି କଳାକାରମାନଙ୍କୁ ପୁରସ୍କୃତ କରିଥିଲେ।

## ଜ୍ୟୋତିଷ୍କରଙ୍କୁ ଅନ୍ତର୍ଜାତୀୟ ସମ୍ମାନ

**ବାଲେଶ୍ୱର ଅଫିସ,୪।୧୦**

କୋରିଆର ରାଜଧାନୀ ସିଓଲଠାରେ ମିଳିତ ଜାତିସଂଘ ଦ୍ୱାରା ଆୟୋଜିତ ବିଶ୍ୱ ଶାନ୍ତି ସମ୍ମିଳନୀରେ ଗ୍ଲୋବାଲ କୋଅପରେଶନ ସୋସାଇଟିର (କୋରିଆ) ଭାରତ ଶାଖାର ମହାସଚିବ ତଥା ଓଡ଼ିଶା ପର୍ଯ୍ୟଟନ ନିଗମର ପୂର୍ବତନ ଅଧ୍ୟକ୍ଷ ଡ. ଜ୍ୟୋତିଷ୍କର ମହାପାତ୍ରଙ୍କୁ ବିଭିନ୍ନ ଦେଶରେ ତାଙ୍କର ଜୀବନବ୍ୟାପୀ ଶାନ୍ତି ଓ ମୈତ୍ରୀ କ୍ଷେତ୍ରରେ ଅବଦାନ ପାଇଁ 'ୟୁ.ଏନ୍. ଫେଲିସିଟେଶନ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଆଗାମୀ ଦିନରେ ମିଳିତ ଜାତିସଂଘ ତାଙ୍କୁ ଯେଉଁ ଦାୟିତ୍ୱ ଦେବେ ସେ ତାକୁ ସୁଚାରୁ ରୂପେ ପାଳନ କରିବାର ପ୍ରତିଶ୍ରୁତି ଦେଇ ମିଳିତ ଜାତିସଂଘର ମହାସଚିବଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଗ୍ଲୋବାଲ ସୋସାଇଟି(ଭାରତ) ଉପଦେଷ୍ଟା ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ, କ୍ରୋଏସିଆ ରାଷ୍ଟ୍ରପତି ଜୋସି ପଭିକ୍, ଶିଶିଲିସ୍ ବୈଦେଶିକ ମନ୍ତ୍ରୀ ମେଣ୍ଡି ମୋଷ୍ଟାର୍, ବେନିନ୍ ବାଚସ୍ପତି ଡ. ଏଡ଼ିଏନ୍, ସିଉରାଲିୟନ୍ ପୂର୍ବତନ ରାଷ୍ଟ୍ରପତି ଡ. ସାମୁଏଲ, ବେଲାରୁଷ ପ୍ରଧାନ ବିଚାରପତି ଷ୍ଟାନିଲାଭ, ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ଖିଲ ରାଜ, ଟୁଭାଲୁ ଗଭର୍ଣ୍ଣର ଜେନେରାଲ ଲାକବା-ଇଟାଲୀ ସମେତ ୧୨୨ଟି ଦେଶର ଶାନ୍ତି ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

ମିଳିତ ଜାତିସଂଘ ପରିଷଦର ଅନୁମୋଦନ କ୍ରମେ ଶାନ୍ତି ରାଷ୍ଟ୍ରଦୂତ ଡ. ଜ୍ୟୋତିଷ୍କର ମହାପାତ୍ରଙ୍କୁ ଆଫ୍ରିକା, ରୁଆଣ୍ଡା, ମୋଜାମ୍ବିକ ଠାରେ ଶାନ୍ତି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିବା ନେଇ ଆଗାମୀବର୍ଷ ଠାରୁ ନିଷ୍ପତ୍ତି ନେଇଥିବା ଜାଣିବାକୁ ମିଳିଛି। ଡ. ମହାପାତ୍ର ବାଲେଶ୍ୱର ସହର ବାରବାଟୀ ଅଞ୍ଚଳର ବିଶିଷ୍ଟ ସାମାଜିକକର୍ମୀ ରାଧାଦେବୀ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ୟାମସୁନ୍ଦର ମହାପାତ୍ରଙ୍କ କନିଷ୍ଠ ପୁତ୍ର। ପିଲାଦିନରୁ ସେବା ମନୋଭାବ ନେଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ ରଖିଆସିଛନ୍ତି।



ଡ. ଜ୍ୟୋତିଷ୍କରଙ୍କୁ 'ୟୁ.ଏନ୍ ଫେଲିସିଟେସନ ଆୱାର୍ଡ଼'ରେ ସମ୍ମାନିତ କରାଯାଉଛି।

## ସଂକ୍ଷେପରେ

### ଉଦଳା କଲେଜ ନିର୍ବାଚନ: ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ



ଉଦଳା, ୪।୧୦(ଡି.ଏନ.ଏ.): ଉଦଳା କଲେଜ ଛାତ୍ର ସଂସଦ ନିର୍ବାଚନର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଗୁରୁବାର ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକା ଅନୁସାରେ, ଚଳିତବର୍ଷ ଉଦଳା କଲେଜ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ଜ୍ୟୋତିଶ୍ୱେତା ମହାପାତ୍ର ସଭାପତି ପଦବୀରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀ ଲାଗି ଜ୍ୟୋତିଶ୍ୱେତାଙ୍କ ସହିତ ଅନ୍ୟ ଜଣେ ଛାତ୍ର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ହେଲେ ଯାଞ୍ଚ ସମୟରେ ତାଙ୍କ ପ୍ରାର୍ଥିପତ୍ର ଖାରଜ ହୋଇଯାଇଛି। ସାଧାରଣ ସମ୍ପାଦକ ଭାବେ ସୋମନାଥ ହୋ, ଆଥ୍‌ଲେଟିକ୍ ସେକ୍ରେଟାରି ଭାବେ ଜଗନ୍ନାଥ ହେମ୍ବ୍ରମ୍, ଏସ୍‌ଏସଜି ସେକ୍ରେଟାରି ଚିନ୍ତାମଣି ମାରାଣ୍ଡି, କମନ୍ ରୁମ୍ ସେକ୍ରେଟାରି ପାର୍ବତୀ ମୁର୍ମୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଆଧାରରେ କେବଳ ଉପସଭାପତି ପଦବୀ ନିମନ୍ତେ ସୁନାତି ଟୁଡୁ ଏବଂ ଶିବ ମୁର୍ମୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନିର୍ବାଚନ ଦାୟିତ୍ୱରେ ଥିବା ଅଧାପକ ଡ. ମହେଶ୍ୱର ମହାପାତ୍ର ସୂଚନା ଦେଇଛନ୍ତି।

### ବଡ଼ସାହି କଲେଜ ସଭାପତି ପଦ ଲାଗି ଦ୍ୱିମୁଖୀ ଲଢେଇ

ବଡ଼ସାହି,୪।୧୦(ସ୍ୱ.ପ୍ର): ଚଳିତ ବର୍ଷ ବଡସାହି ପଞ୍ଚାୟତ ସମିତି କଲେଜର ଛାତ୍ର ସଂସଦ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଗୁରୁବାର ପ୍ରକାଶ ପାଇଛି। ଯୁକ୍ତ ୩ ଛାତ୍ର ସଂସଦର ସଭାପତି ପଦ ନିମନ୍ତେ ହେମନ୍ତ କୁମାର ମହାନ୍ତ, କାର୍ତ୍ତିକ ସାମଲଙ୍କ ମଧ୍ୟରେ ଏବଂ ଉପସଭାପତି ପଦ ନିମନ୍ତେ ଭବାନୀ ଶଙ୍କର ପଲେଇ ଓ ଉମେଶ ବିନ୍ଧାଣୀଙ୍କ ମଧ୍ୟରେ ଦ୍ୱିମୁଖି ଲଢେଇ ହେଉଛି। ସାଧାରଣ ସମ୍ପାଦକ ପଦ ନିମନ୍ତେ ବାବୁଲି ମହାନ୍ତ, ଶିବୁ ଦେହୁରୀ ଓ ସୁଶୀଲ କୁମାର ସିଂ ନାମାଙ୍କନପତ୍ର ଦାଖଲ କରିଛନ୍ତି। କ୍ରୀଡା ସମ୍ପାଦକ ଲାଗି ଘନ ହେମ୍ବ୍ରମ ଓ ଶିବାନନ୍ଦ ସିଂ, ପୂଜା ସମ୍ପାଦକ ନିମନ୍ତେ ଭାବେ ଅରବିନ୍ଦ ମହାକୁଡ ଓ ଚନ୍ଦନ ପାତ୍ର, ନାଟ୍ୟ ସମ୍ପାଦକ ଭାବେ ଲକ୍ଷ୍ମୀମଣି ସିଂ ଓ ରଶ୍ମିତା ସିଂ, ଗାର୍ଲ୍ସ କମନରୁମ ସମ୍ପାଦକ ଭାବେ ବର୍ଷାରାଣୀ ଜେନା ଓ ବାସନ୍ତୀ ସୋରେନ, ବଏଜ କମନରୁମ ସମ୍ପାଦକ ଭାବେ ଭିକ ବଗାଲ ଓ ବୁଦ୍ଧଦେବ ଖିଲାର ମଇଦାନକୁ ଓହ୍ଲାଇଛନ୍ତି। ସହ-ସମ୍ପାଦକ ଭାବେ ଆୟୁଷ୍ମିତା ନାୟକ, କ୍ରୀଡା ସହ-ସମ୍ପାଦକ ସଞ୍ଜୟ କୁମାର ସିଂ, ପୂଜା ସହ-ସମ୍ପାଦକ ପାଇଁ ପବିତ୍ର କୁମାର ବେହେରା ଓ ଶ୍ରେଣୀ ପ୍ରତିନିଧି ଭାବେ ହେମନ୍ତ କୁମାର ମହାରଣା, ନାଟ୍ୟ ସହ-ସମ୍ପାଦକ ଭାବେ ପ୍ରମୋଦିନୀ ବେହେରା ଓ ଶ୍ରେଣୀ ପ୍ରତିନିଧି ଭାବେ ପ୍ରଭାତ ରଞ୍ଜନ ମହାନ୍ତ ନିର୍ବାଚିତ ହୋଇଛନ୍ତି। ପ୍ରାର୍ଥୀପତ୍ର ଦାଖଲ, ଯାଞ୍ଚ ଓ ଚୂଡ଼ାନ୍ତ ତାଲିକା ପ୍ରକାଶ ଶାନ୍ତିପୂର୍ଣ୍ଣ ହୋଇଥିବାରୁ ମହାବିଦ୍ୟାଳୟର ଅଧକ୍ଷ ସୁବାସ ଚନ୍ଦ୍ର ଦାସ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅଧାପକ ବିନୋଦ କୁମାର ପରିଡା ନିର୍ବାଚନ ପରିଚାଳନା କରିଛନ୍ତି।

### ଖାଉଟି କାର୍ଡ ବଣ୍ଟନ ମେଳା



ଠାକୁରମୁଣ୍ଡା,୪।୧୦(ଡି.ଏନ.ଏ): କ୍ଷୁଧାମୁକ୍ତ ଓଡିଶା ଗଠନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଖାଉଟି କାର୍ଡ ବଣ୍ଟନମେଳା ବୁଧବାର ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ବିଜୟ କୁମାର ନାଏକ , ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ଉପାଧ୍ୟକ୍ଷା ଜବାମଣୀ ଟୁଡୁ, ତହସିଲଦାର ପ୍ରଦ୍ୟୁମ୍ନ ନାୟକ, ଜିଲାପରିଷଦ ସଭ୍ୟ ଅଜିତ୍ କଣ୍ଡେଇ, ରାଇମଣୀ ହାଁସଦାଃ ଯୋଗ ଦେଇଥିଲେ। ଏହି ଯୋଜନାରେ ବ୍ଲକରେ ମୋଟ ୬ହଜାର ୭ଶହ ୧୬ଜଣଙ୍କୁ ଅନ୍ତର୍ଭୁକ୍ତ କରିବା ଯୋଜନା ଥିବା ବେଳେ ୪ହଜାର ୩ଶହ ୯୮ ସଦସ୍ୟଙ୍କ ମୋଟ ୧୩ଶହ ଖାଉଟି କାର୍ଡ ଚୟନ କରାଯାଇଛି। ଏହି ଅବସରରେ ଅତିଥିମାନେ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରିଛନ୍ତି।

# ଏମ୍‌ପିସି ଅଟୋନମସ୍ କଲେଜ ଅଶାନ୍ତ

ବାରିପଦା ଅଫିସ,୪।୧୦



ଛାତ୍ରୀଛାତ୍ରମାନେ ପ୍ରିନ୍ସିପାଲଙ୍କ ଅଫିସରେ ଧାରଣାରେ ବସିଛନ୍ତି।



ପ୍ରିନ୍ସିପାଲଙ୍କୁ ଛାତ୍ରୀଛାତ୍ରମାନେ ଘେରିଛନ୍ତି।



ନିର୍ବାଚନ କରାଯିବା ଦାବିରେ ପ୍ରିନ୍ସିପାଲଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

- ନିର୍ବାଚନ ବାତିଲ, ସାଇନ-ଏ-ଡାଏ ଘୋଷଣା
- ଫୁଟିଲା ୧୦ରୁ ଅଧିକ ବାଣ
- ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ
- ପ୍ରିନ୍ସିପାଲଙ୍କ ଅଫିସରେ ପଶିଲେ ଛାତ୍ରୀଛାତ୍ର
- ହଷ୍ଟେଲ ଛାଡିବାକୁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ

ବାରିପଦାସ୍ଥିତି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା ମହାବିଦ୍ୟାଳୟ ଓ ମହିଳା କଲେଜର ନିର୍ବାଚନ ବାତିଲ ପରେ ଗୁରୁବାର ସ୍ଥାନୀୟ ତକତପୁରସ୍ଥିତ ଏମପିସି ଅଟୋନମସ କଲେଜ ପାଳି ପଡିଛି। ଏହି କଲେଜରେ ବୁଧବାର ଛାତ୍ର ସଂସଦ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ଗୁରୁବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଁ କାର୍ଯ୍ୟକ୍ରମ ରହିଥିଲା। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନରେ ୨ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହେବାରୁ ଗଣ୍ଡଗୋଳ ଘଟି ଉତ୍ତେଜନା ପ୍ରକାଶ ପାଇଥିଲା। କଲେଜର ଗୋଟିଏ ଛାତ୍ର ଗୋଷ୍ଠୀ ନିର୍ବାଚନ କରିବାକୁ ଦାବି କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ପ୍ରାକ୍ ନିର୍ବାଚନି ହିଂସା ଯୋଗୁଁ ନିର୍ବାଚନ ବାତିଲ କରାଯାଉ ବୋଲି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ପାଟିତୁଣ୍ଡ ଓ ଗଣ୍ଡଗୋଳ ବେଳେ ଜଣେ ଛାତ୍ର ଅନ୍ୟ ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା କଲେଜ ପରିସରକୁ ଅଧିକ ଅଶାନ୍ତ କରିଥିଲା। ଛାତ୍ରୀଙ୍କ ସମର୍ଥକମାନେ ପ୍ରିନ୍ସିପାଲଙ୍କ ଅଫିସ ଭିତରକୁ ଧଶେଇ ପଶି ଧାରଣା ଦେଇଥିଲେ। ଅପରାହ୍ନ ବେଳକୁ କଲେଜର କମର୍ସ ବ୍ଲକ ନିକଟରେ ୧୦ରୁ ଅଧିକ ବାଣ ଫୁଟିଥିଲା। ଫଳରେ କ୍ୟାମ୍ପସରେ ଭୟର ବାତାବରଣ ଖେଳି ଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ବାଚନୀ ହିଂସା ରୋକିବା ସକାଶେ କର୍ତ୍ତୃପକ୍ଷ ଏମପିସି ଅଟୋନମସ କଲେଜ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରି ସାଇନ-ଏ-ଡାଏ ଘୋଷଣା କରିଥିଲେ।

ବୁଧବାର ଛାତ୍ର ସଂସଦ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ ହେବା ଅବ୍ୟବହିତ ପୂର୍ବରୁ ବୁଧବାର ରାତିରେ ଏମପିସି ଅଟୋନମସ କଲେଜ ଛାତ୍ରୀ ନିବାସ ଓ ଛାତ୍ରାବାସ ନିକଟରେ କେତେକ ଅଜଣା ଦୁର୍ବୃତ୍ତ ବାଣ ଫୁଟାଇ ଆତଙ୍କ ସୃଷ୍ଟି କରିଥିଲେ। ଏହା ସତ୍ତ୍ୱେ କଲେଜ କର୍ତ୍ତୃପକ୍ଷ ପରିସ୍ଥିତି ପ୍ରତି ନଜର ରଖି ନାମାଙ୍କନପତ୍ର ଦାଖଲ କରିବାକୁ ସୁଯୋଗ ଦେଇଥିଲେ। କିନ୍ତୁ ଗୁରୁବାର କ୍ୟାମ୍ପସ ବାତାବରଣ ଭିନ୍ନ ରୂପ ନେଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଲେଜରେ ବ୍ୟାପକ ପୋଲିସ ମୁତୟନ ଓ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ପରିସ୍ଥିତି ଜଟିଳ ହୋଇପଡିଥିଲା। ଗଣ୍ଡଗୋଳ ବେଳେ ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରାଯିବା ନେଇ ପ୍ରିନ୍ସିପାଲ ବିଷ୍ଣୁଚରଣ ଜେନାଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଛାତ୍ରୀଙ୍କ ସମର୍ଥକମାନେ ସମ୍ପୃକ୍ତ ଛାତ୍ରଙ୍କ ବହିଷ୍କାର ଓ ନିର୍ବାଚନ ବାତିଲ ଦାବି କରି ଧାରଣାରେ ବସିରହିଥିଲେ। ଅନ୍ୟ ପକ୍ଷେ ସମ୍ପୃକ୍ତ ଛାତ୍ର ତାଙ୍କ ବିରୋଧରେ ମିଥ୍ୟା ଆରୋପ ଉଠାଯାଉଥିବା ଲିଖିତ ଭାବେ ପ୍ରିନ୍ସିପାଲଙ୍କୁ ଜଣାଇ ନିର୍ବାଚନ କରାଯାଉ ବୋଲି ଦାବି କରିଥିଲେ। ତେବେ ୨ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଯୋଗୁ କ୍ୟାମ୍ପସରେ ଉତ୍ତେଜନା ସ୍ଥିତିକୁ ଦେଖି ନିର୍ବାଚନ ବାତିଲ ନିଷ୍ପତ୍ତି ନେବାରୁ କର୍ତ୍ତୃପକ୍ଷ ବାଧ ହେବା କହିଛନ୍ତି। ସନ୍ଧ୍ୟାରେ ସାଇନ-ଏ-ଡାଏ ଘୋଷଣା କରାଯାଇ ଶୁକ୍ରବାର ପୂର୍ବାହ୍ନ ୧୧ ଟା ସୁଦ୍ଧା ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର ଅଭିଯୋଗର ତଦନ୍ତ କଲେଜର ଇଣ୍ଟରନାଲ କମ୍ପ୍ଲେନ କମିଟି କରିବ ବୋଲି ପ୍ରିନ୍ସିପାଲ ଜେନା କହିଛନ୍ତି। ଏମପିସି ଅଟୋନମସ କଲେଜ ନିର୍ବାଚନ ବାତିଲ ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ କାଦୁଅ ଫିଙ୍ଗାଫିଙ୍ଗି ହେଉଛନ୍ତି। ଏକ ରାଜନୈତିକ ଦଳର ସମର୍ଥନରେ ଦୁଇ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ଯୋଗୁଁ ଏଭଳି ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି।

### ୫ରୁ ୧୩ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଲାସ ସସପେଣ୍ଡ

ପ୍ରାକ ନିର୍ବାଚନି ହିଂସା ଯୋଗୁଁ ବାରିପଦା ତକତପୁରସ୍ଥିତ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ବୁଧବାର ଛାତ୍ର ସଂସଦ ନିର୍ବାଚନ ବନ୍ଦ ଘୋଷଣା କରି ପିଜି ଓ ଏମଫିଲ ବିଭାଗର ସମସ୍ତ କ୍ଲାସ ସସପେଣ୍ଡ କରିଥିଲେ। ପରେ ଆସନ୍ତା ଶୁକ୍ରବାରଠାରୁ ୧୩ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ କ୍ଲାସ ସସପେଣ୍ଡ ରହିବ ବୋଲି କର୍ତ୍ତୃପକ୍ଷ ଗୁରୁବାର କହିଛନ୍ତି। ପିଜି କାଉନସିଲ ପତ୍ର ୯୨୮(୪/୧୦/୨୦୧୮)ରେ ଏ ନେଇ ସୂଚନା ଦିଆଯାଇଛି। ବିଶ୍ୱବିଦ୍ୟାଳୟ ପରିସର ସମେତ ଛାତ୍ରୀ ନିବାସ, ଛାତ୍ରାବାସ ଏବଂ ଷ୍ଟାଫ କ୍ୱାର୍ଟର୍ସ ନିକଟରେ ବାଣ ଫୁଟାଯିବା ଯୋଗୁଁ ବିଶ୍ୱବିଦ୍ୟାଳୟ ନିର୍ବାଚନ ବାତିଲ କରାଯାଇଥିଲା।

# ଟ୍ରକ୍ ଓଲଟି ଛାତ୍ରୀ ଗୁରୁତର



ସ୍ଥାନୀୟ ଲୋକେ ଓ ଛାତ୍ରମାନେ ଟ୍ରକ ତଳୁ ଛାତ୍ରୀଙ୍କୁ ଉଦ୍ଧାର କରୁଛନ୍ତି।

କପ୍ତିପଦା,୪।୧୦(ଡି.ଏନ.ଏ)

### ଉତ୍ତେଜନା, ରାଜପଥ ଅବରୋଧ

କପ୍ତିପଦା ମହାବିଦ୍ୟାଳୟ ସମ୍ମୁଖରେ ଗୁରୁବାର ଏକ ଇଟା ବୋଝେଇ ଟ୍ରକ୍ ଓଲଟି ପଡିବାରୁ ଜଣେ ଛାତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ରୀ ଜଣକ ହେଲେ ଯୁକ୍ତ ୩ ଶେଷ ବର୍ଷର ରଶ୍ମିତା ପାଣିଗ୍ରାହୀ। ଏଥିଯୋଗୁ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତିବାଦରେ ଶହଶହ ଛାତ୍ରୀଛାତ୍ର ୧୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହିତ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗୁରୁବାର ସକାଳେ ଏକ ଇଟା ବୋଝେଇ ଟ୍ରକ ମହାବିଦ୍ୟାଳୟରେ ହେଉଥିବା କାମ ନିକଟକୁ ଆସିଥିଲା। ମାତ୍ର କଲେଜ ସମ୍ମୁଖରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ନିକଟରେ ଛିଡା ହୋଇଥିବା ରଶ୍ମୀତାଙ୍କ ଉପରେ ଓଲଟି ପଡିଥିଲା। ଖବର ପ୍ରଚାରିତ ହେବା ପରେ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଘଟଣାସ୍ଥଳରେ ପହଞ୍ଚି ଟ୍ରକ ତଳୁ ରଶ୍ମିତାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ବାଲେଶ୍ୱର ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବାରୁ ଖବର ପାଇ ଅତିରିକ୍ତ ଜିଲାପାଳ, ତହସିଲଦାର, ଅତିରିକ୍ତ ତହସିଲଦାର, ଉପଖଣ୍ଡ ପୋଲିସ ଅଧିକାରୀ ଓ କପ୍ତିପଦା ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଛନ୍ତି । ଆଲୋଚନା ମୁତାବକ ଦୀର୍ଘ ୬ ଘଣ୍ଟା ପରେ ଆହତ ଛାତ୍ରୀଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ପାଇଁ ଅଧକ୍ଷ ଦିଲୀପ ସିଂହ ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୫ଟା ପାଖାପାଖି ସମୟରେ ଧାରଣା ପ୍ରତ୍ୟାହୃତ ହୋଇଛି ।

### ୨ ଅପମୃତ୍ୟୁ ମାମଲା ରୁଜୁ

ଖୁଣ୍ଟା, ୪।୧୦(ଡି.ଏନ.ଏ.)

ଖୁଣ୍ଟା ଥାନା ଅଧୀନ ଡୁକୁରା ଓ ବାଙ୍କୀଷୋଳ ଗ୍ରାମରେ ଜଣେ ମହିଳା ଓ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ଏ ନେଇ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଡୁକୁରା ଗ୍ରାମର ଜନୈକ ମହିଳା ପୋଖରୀ ପାଣିରେ ବୁଡି ପ୍ରାଣ ହରାଇଥିବା ବେଳେ ବାଙ୍କୀଷୋଳ ଗ୍ରାମର ଜନୈକ ଶିଶୁ ସାପ କାମୁଡାରେ ପ୍ରାଣ ହରାଇଛନ୍ତି। ଏ ନେଇ ଖୁଣ୍ଟା ଥାନାରେ ୨ଟି ଅପମୃତ୍ୟୁ ମାମଲା (ନଂ.୨୯/୧୮, ୩୦/୧୮) ରୁଜୁ ହୋଇଛି। ଡୁକୁରା ହାଟ ପୋଖରୀରେ ବୁଧବାର ସକାଳେ ସଞ୍ଜୟ ବେହେରାଙ୍କ ସ୍ତ୍ରୀ ସରସ୍ୱତୀ (୬୩ )ଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସରସ୍ୱତୀ ମଙ୍ଗଳବାର ସନ୍ଧ୍ୟାରେ ପୋଖରୀକୁ ଯାଇଥିବାବେଳେ ବୁଡିଯାଇଥିବା ପୋଲିସ ପକ୍ଷରୁ ସନ୍ଦେହ କରାଯାଉଛି । ସେହିପରି ବାଙ୍କିଷୋଳ ଗ୍ରାମର ଲକ୍ଷ୍ମଣ ସୋରେନଙ୍କ ୨ ବର୍ଷର ଶିଶୁପୁତ୍ର ମଙ୍ଗଳବାର ଅପରାହ୍ନରେ ନିଜ ଘର ବାରଣ୍ଡାରେ ଶୋଇଥିବାବେଳେ ଏକ ସାପ କାମୁଡି ଦେଇଥିଲା । ଶିଶୁଟି ହଠାତ୍ କାନ୍ଦିବାରୁ ପରିବାର ଲୋକ ପ୍ରଥମେ ଖୁଣ୍ଟା ଓ ପରେ ବାରିପଦା ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଶିଶୁଟିର ମୃତ୍ୟୁ ହୋଇଥିଲା।

# ୪୦ ବର୍ଷ ହେବ ହୋଇନି ନିର୍ବାଚନ



ଛାତ୍ରମାନଙ୍କ ପ୍ରତିନିଧି ଦଳ ଉପନିର୍ଦ୍ଦେଶକଙ୍କୁ ଦେଖା କରି ଫେରୁଛନ୍ତି।

କପ୍ତିପଦା,୪।୧୦(ଡି.ଏନ୍.ଏ)

### କପ୍ତିପଦା କଲେଜ

୧୯୭୮ ମସିହାରେ ପ୍ରତିଷ୍ଠିତ କପ୍ତିପଦା ମହାବିଦ୍ୟାଳୟରେ ଅଦ୍ୟାବଧୀ ଛାତ୍ର ସଂସଦ ନିର୍ବାଚନ ହୋଇ ନାହିଁ। ପ୍ରତ୍ୟେକ ଡିଗ୍ରୀ ମହାବିଦ୍ୟାଳୟରେ ନିର୍ବାଚନ ନିମନ୍ତେ ବିଭାଗୀୟ ନିର୍ଦ୍ଦେଶକୁ କଲେଜ କର୍ତ୍ତୃପକ୍ଷ ଖାତିର କରୁ ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ଏକ ଛାତ୍ର ପ୍ରତିନିଧୀ ଦଳ ଭୁବନେଶ୍ୱର ଯାଇ ଉଚ୍ଚଶିକ୍ଷା ଉପନିର୍ଦ୍ଦେଶକ ପ୍ରବୀର କୁମାର ବେହେରାଙ୍କୁ ସାକ୍ଷାତ କରି ଦାବି ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରାୟ ୪୦ ବର୍ଷର ଉର୍ଦ୍ଧ୍ୱ ଏହି କଲେଜରେ ନିର୍ବାଚନ ପରିଚାଳନା ହେଉ ନ ଥିବାରୁ କଲେଜ ଭିତ୍ତିଭୂମିର ବିକାଶ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଛାତ୍ରମାନେ ବାରମ୍ବାର କଲେଜ ଅଧକ୍ଷ ଓ ଜିଲାପାଳଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀଙ୍କୁ ସାକ୍ଷାତ କରି ଦାବି ସମ୍ପର୍କରେ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନି। ପରିଶେଷରେ ସେମାନେ ଭୁବନେଶ୍ୱର ଯାଇଥିବା କହିଛନ୍ତି। ଏହି ପ୍ରତିନିଧୀ ଦଳରେ ଅଭିଜିତ୍ ବେହେରା, ମିହିର ମୁକେଶ ନାୟକ, ପ୍ରିୟବ୍ରତ ବିନ୍ଧାଣୀ, ଅବିନାଶ ନାୟକ ଓ ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଛାତ୍ର ସାମିଲ ଥିଲେ। ଏହି ସମସ୍ୟାର ସମାଧାନ ନିମନ୍ତେ ସେ ଖୁବ୍ ଶୀଘ୍ର ପଦକ୍ଷେପ ନେବେ ବୋଲି ଛାତ୍ରମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଅପହରଣ କରି ଲୁଟ୍, ବଳାତ୍କାର

- ଖସି ଆସି ଥାନାର ଦ୍ୱାରସ୍ଥ ହେଲେ ପୀଡିତା
- ଫେସବୁକ୍ ପ୍ରେମରୁ ପ୍ରତାରଣା
- ଅଭିଯୁକ୍ତ ଗିରଫ, କୋର୍ଟଚାଲାଣ

ଖୁଣ୍ଟା, ୪।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜନୈକା ମହିଳାଙ୍କୁ ଫେସବୁକ ବନ୍ଧୁତା ମହଙ୍ଗା ପଡିଛି। ଫେସ୍‌ବୁକରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଜଣେ ଯୁବକଙ୍କ ସହ ତାଙ୍କ ଘନିଷ୍ଠତା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କ ଦ୍ୱାରା ସେ ଲୁଟ୍ ଓ ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ଆଣିଛନ୍ତି। ଯୁବକଜଣକ ତାଙ୍କୁ ମାସେରୁ ଉର୍ଦ୍ଧ୍ୱ ସମୟ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିଲେ। ପରେ ସେ କର୍ନାଟକରୁ ଖସି ଆସି ବୁଧବାର ଖୁଣ୍ଟା ଥାନା ଦ୍ୱାରସ୍ଥ ହୋଇଛନ୍ତି। ଖୁଣ୍ଟା ପୋଲିସ ଏନେଇ ଏକ ମାମଲା (ନଂ ୧୦୧/୧୮) ରୁଜୁ କରି ଜଳେଶ୍ୱର ଥାନା ଅଞ୍ଚଳର ବିଶଜିତ ନାଥଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି ।

ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ମହିଳାଙ୍କର ୨ ବର୍ଷ ପୂର୍ବେ ବିବାହ ହୋଇଥିଲା । ଏହାର କିଛି ଦିନ ପରେ ବିଶଜିତ ନାଥ ନାମକ ଯୁବକଙ୍କ ସହ ତାଙ୍କର ଫେସବୁକ ଜରିଆରେ ବନ୍ଧୁତା ହୋଇଥିଲା। କ୍ରମଶଃ ମହିଳାଙ୍କ ସହ ବାର୍ତ୍ତାଳପ କରି ବିଶ୍ୱାସ ଜନ୍ମାଇ ବିଶଜିତ ତାଙ୍କ ଫଟୋ ସଂଗ୍ରହ କରିଥିଲେ। ପରେ ଏହାକୁ ଏଡିଟ କରି ଆପତ୍ତିଜନକ ରୂପ ଦେଇ ମହିଳାଙ୍କ ନିକଟକୁ ପଠାଇଥିଲେ। ଟଙ୍କା ନ ଦେଲେ ଉକ୍ତ ଫୋଟକୁ ଭାଇରାଲ କରିଦେବେ ବୋଲି ସେ ଧମକ ଦେଇଥିଲେ । ମହିଳା ଜଣକ ସ୍ୱାମୀଙ୍କଠୁ ପ୍ରଥମେ ୧୦ ହଜାର ଓ ପରେ ୮ ହଜାର ଟଙ୍କା ଆଣି ସମ୍ପୃକ୍ତ ଯୁବକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ଦେଇଥିଲେ। ପରବର୍ତ୍ତୀ ସମୟରେ ଅଗଷ୍ଟ ୧୮ତାରଖ ରାତିରେ ଯୁବକଜଣକ କାର୍ ଧରି ତାଙ୍କ ଶାଶୁ ଘର ନିକଟକୁ ଆସିଥିବା ବେଳେ ଟଙ୍କା ଓ ସୁନା ଆଣି ଦେବାକୁ ତାଙ୍କୁ କହିଥିଲେ। ସେଠାରୁ ଯୁବକଜଣକ ତାଙ୍କୁ ଅପହରଣ କରି ନେଇ ମାସେରୁ ଉର୍ଦ୍ଧ୍ୱ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିଲେ। ପରେ ତାଙ୍କୁ ନେଇ କର୍ନାଟକ ଯାଇଥିବା ବେଳେ ସେଠାରୁ ମହିଳାଜଣକ ଖସି ଗତ ୨୬ତାରିଖରେ ମୋରଡା ଥାନ ଅଞ୍ଚଳର ନିଜ ବାପାଙ୍କ ଘରେ ପହଞ୍ଚିଥିଲେ । ଗତ ୩ ତାରିଖରେ ଏନେଇ ଖୁଣ୍ଟା ଥାନାରେ ଲିଖିତ ଅଭଯୋଗ କରିବା ପରେ ପୋଲିସ ବିଶଜିତଙ୍କୁ ଗୁରୁବାର ଗିରଫ କରିଛି।

# ପରମ୍ପରା ଓ ନୂତନତ୍ୱର ସମନ୍ୱୟ

ବାରିପଦା ଅଫିସ,୪।୧୦




- ୩୪ ବର୍ଷରେ ପାଳବଣି ଦୁର୍ଗାପୂଜା
- ଏଥର ଶୋଭା ପାଇବ ବୁଦ୍ଧ ମନ୍ଦିର ସଦୃଶ ତୋରଣ

ଆଉ କିଛିଦିନ ପରେ ମା' ଜଗଜ୍ଜନନୀ ଦୁର୍ଗାଙ୍କ ଧରାବତରଣ । ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବାକୁ ଶିଳ୍ପୀମାନେ ବ୍ୟସ୍ତ। ବାରିପଦା ସହରର ବିଭିନ୍ନ ପୂଜା କମିଟି ପ୍ରତିଯୋଗିତା ଭିତ୍ତିରେ ତୋରଣ, ମୂର୍ତ୍ତି ତିଆରି ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛନ୍ତି। ଦୀର୍ଘବର୍ଷ ଧରି ତୋରଣ ନିର୍ମାଣରେ ନୂତନତ୍ୱ ପ୍ରଦର୍ଶନ କରି ସ୍ୱାତନ୍ତ୍ର୍ୟ ବଜାୟ ରଖୁଥିବା ପାଳବଣି ଦୁର୍ଗାପୂଜା କମିଟି ପରମ୍ପରା ଓ ନୂତନତ୍ୱ ମଧ୍ୟରେ ସମନ୍ୱୟ ରକ୍ଷା କରି ପୂଜାକୁ ପ୍ରତିବର୍ଷ ଅଧିକ ଆକର୍ଷଣୀୟ କରିଆସୁଛି। ଚଳିତ ବର୍ଷ ପୂଜା ପାଇଁ ବଜେଟ ରହିଛି ୨୫ ଲକ୍ଷ। ୧୧ ଲକ୍ଷ ଟଙ୍କା ବ୍ୟୟବରାଦରେ ବୁଦ୍ଧ ମନ୍ଦିର ସଦୃଶ ତୋରଣ ନିର୍ମାଣ କରାଯାଉଛି। ପଶ୍ଚିମବଙ୍ଗର ୨୦ ଜଣ କାରିଗର ମାସେ ହେବ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ୧୨ ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି ଚାଲିଛି। ଏଥିରେ ବାରିପଦାର ୪ ଜଣ କାରିଗର ନିୟୋଜିତ ଅଛନ୍ତି। ମା'ଙ୍କ ମୁକୁଟ ଓ ହାର ରୁପାର ହୋଇଥିବା ବେଳେ ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ରୁପା ମୁକୁଟ ପିନ୍ଧାଯାଇଥାଏ। ମା'ଙ୍କ ନୋଥ, କାନଫୁଲ ଓ ଚିତା ସୁନାର ହୋଇଥାଏ। ପୂଜାରେ ଲଡ୍ଡୁ, ଦହିପଖାଳ ଭୋଗ ଏବଂ ପରମ୍ପରା ଅନୁଯାୟୀ, ମହିଳାମାନଙ୍କ ସିନ୍ଦୂର ଖେଳର ଆକର୍ଷଣ ନିଆରା। ମହିଳାମାନେ ମା'ଙ୍କୁ ସିନ୍ଦୂର ଲାଗିକରି ନିଜ ସ୍ୱାମୀଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ପରସ୍ପର ଦେହରେ ବୋଳିଥାନ୍ତି।

୧୯୮୫ ମସିହାରୁ ପାଳବଣି ଦୁର୍ଗାପୂଜା ଆରମ୍ଭ ହୋଇ ଚଳିତ ବର୍ଷ ୩୪ ବର୍ଷରେ ପହଞ୍ଚିଛି। ୧୯୮୫ ମସିହାରେ କମିଟିର ବ୍ୟୟବରାଦ ଥିଲା ମାତ୍ର ୧୩ ହଜାର ଟଙ୍କା। ଅଞ୍ଚଳବାସୀଙ୍କ ସହଯୋଗ ନେଇ ପୂଜା କମିଟି ସାର୍ବଜନୀନ ପୂଜା ପାଳନ କରି ପ୍ରତିବର୍ଷ ସହରରେ ଚର୍ଚ୍ଚାରେ ରହିଆସିଛି। କମିଟିର ସମ୍ପାଦକ କୁମରେନ୍ଦ୍ର ଟୁଡୁ କହନ୍ତି, କମିଟିରେ ୪ ଶହରୁ ଉର୍ଦ୍ଧ୍ୱ ସକ୍ରିୟ ସଭ୍ୟ ରହିଛନ୍ତି। ଭାଇଚାରାକୁ ସୁଦୃଢ଼ କରି ସଦ୍‌ଭାବନା ସୃଷ୍ଟି ପୂଜା କମିଟିର ମୂଳ ଲକ୍ଷ୍ୟ। ପୂଜାଠାରୁ ଭସାଣି ନିଆରା ଢଙ୍ଗରେ ପାଳନ କରାଯାଏ। କମିଟି କୋଷାଧ୍ୟକ୍ଷ ରଞ୍ଜନ କୁମାର ପଟ୍ଟନାୟକ କହିଛନ୍ତି, ଦିନକୁ ଦିନ ପୂଜାର ଟ୍ରେଣ୍ଡ ବଦଳୁଛି। ସବୁଠି ଦେଖିବାକୁ ମିଳିଛି ଆଧୁନିକତାର ଛାପ। ପାଳବଣି ପୂଜା କମିଟି ପାରମ୍ପରିକ ପୂଜାକୁ ଗୁରୁତ୍ୱ ଦେଇ ଏ କ୍ଷେତ୍ରରେ ଏକ ସମନ୍ୱୟର ସେତୁ ସୃଷ୍ଟି କରିଛି। ସ୍ଥାନୀୟ ବିଧାୟକ ତଥା ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି ପୂଜା କମିଟିର ଚେୟାରପର୍ସନ ଅଛନ୍ତି। ସେ ପୂଜା ପରିଚାଳନା ଦାୟିତ୍ୱ ତଦାରଖ କରି ସହଯୋଗ କରିଥାନ୍ତି। ପାଳବଣି ପୂଜାରେ ସ୍ୱତନ୍ତ୍ର ଭାବେ ୫ କୁଇଣ୍ଟାଲ ଶାଳକାଠରେ ହୋମ କରାଯିବା କାର୍ଯ୍ୟକ୍ରମ ରହିଛି। ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ସଭିଙ୍କୁ ଶାରଦୀୟ ଆନନ୍ଦ ଦେବା ପାଇଁ ପ୍ରୟାସ କରାଯାଇଛି ବୋଲି ପୂଜା କମିଟି କୋଷାଧ୍ୟକ୍ଷ ଶଶାଙ୍କ ଶେଖର କର କହିଛନ୍ତି।

## ସଂକ୍ଷେପରେ

### ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ

**ସଜନାଗଡ଼,୪।୧୦(ଡି.ଏନ.ଏ.):** ନୀଳଗିରିରେ ସକ୍ସେସ ପଏଣ୍ଟ ଏଜୁକେସନାଲ ଟ୍ରଷ୍ଟ ନୀଳଗିରି ଠାରେ ଜିଲା ଶିଳ୍ପ କେନ୍ଦ୍ର ଓ ଶିଳ୍ପ ନିର୍ଦ୍ଦେଶାଳୟ କଟକ ଆୟୋଜନରେ ନୀଳଗିରି ଏବଂ ଔପଦା ବ୍ଲକର ଛାତ୍ରୀଛାତ୍ରଙ୍କୁ ନେଇ ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଡି.ଆଇ.ସି. ଭାବେ ଜେନେରାଲ ମ୍ୟାନେଜର ହରିହର ଜେନା, ସମ୍ମାନନୀୟ ଅତିଥି ଭାବେ ଡି.ଆଇ.ସି. ଆସିଷ୍ଟାଣ୍ଟ ମ୍ୟାନେଜର ଅନିଲ କୁମାର ଦେ, ସିଣ୍ଡିକେଟ ବ୍ରାଞ୍ଚ ମ୍ୟାନେଜର ବି. ଦୀପକ କୁମାର ରାଓ, ଡି.ଆଇ.ସି. ଆସି ଷ୍ଟାଣ୍ଡ ମ୍ୟାନେଜର ସତ୍ୟାନନ୍ଦ ପଟ୍ଟନାୟକ, ଆଇ.ପି.ଓ. ମମତା ପରିଡ଼ା ଓ ସକ୍ସେସ୍ ପଏଣ୍ଟ ଏଜୁକେସନାଲ ଟ୍ରଷ୍ଟର ଏମ୍.ଡ଼ି. ସଞ୍ଜୟ କୁମାର ଭୋଳ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

### ସଚେତନତା ରାଲି, ପଦଯାତ୍ରା

**ସିମୁଳିଆ,୪।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ରଘୁନାରାୟଣ ଉଚ୍ଚ, ଭାରତସେବାନିଧି, ୟୁଏନ୍ ଏକାଡେମୀ, ଝାଟିଆ ନୋଡ଼ାଲ, ମାର୍କୋଣା ନୋଡାଲ ଇତ୍ୟାଦି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ଼ଧରି ବିଭିନ୍ନ ସଚେତନାତ୍ମକ ସ୍ଲୋଗାନ ଦେଇ ବିଭିନ୍ନ ଅଞ୍ଚଳ ପରିକ୍ରମଣ କରିଥିଲେ। ସେହିପରି ମାର୍କୋଣା ଆଥ୍ଲେଟିକ ଆସୋସିଏଶନ ସଭାପତି ଗଦାଧର ଜେନା ଓ ସମ୍ପାଦକ ରମାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ସିମୁଳିଆର ସଦରମହକୁମା ମାର୍କୋଣା ମେଡ଼ିକାଲ ଛକ ସଫେଇ ଓ ସତ୍ୟସାଇ ସେବା ସମିତି ଦ୍ୱାରା ମାର୍କୋଣା ଛକରେ ସଫେଇ କାର୍ଯ୍ୟ ହୋଇଥିଲା। ମଧ୍ୟାହ୍ନରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଦଳୀୟ ବିଜେଡିର ସଦ୍‌ଭାବନା ପଦଯାତ୍ରା କରାଯାଇଥିଲା।

# ଲେବର ରୁମ୍‌ରେ ଟଙ୍କା ଆଦାୟ ଜୁଲମ

**ବାଲେଶ୍ୱର ଅଫିସ, ୪।୧୦**



- ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତିଙ୍କୁ ଶୋଷଣ
- ହଜାରେ ଟଙ୍କା ନ ଦେଲେ ଷ୍ଟିଚ୍ ପଡୁନି
- ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ଗର୍ଭବତୀ ଓ ପ୍ରସୂତିଙ୍କୁ ନାନା ଭାବେ ଶୋଷଣ ଓ ହଇରାଣ କରାଯାଇ ଆସୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଲେବର ରୁମ୍‌ରେ ପ୍ରସୂତିଙ୍କ ଅସ୍ତ୍ରୋପଚାର ଓ ଷ୍ଟିଚ୍ ପକାଇବା ପାଇଁ ବେଆଇନ ଭାବେ ୧ହଜାର ଟଙ୍କା ଲେଖାଏ ଆଦାୟ କରାଯିବା ଘଟଣା ଏବେ ପଦାକୁ ଆସିଛି। ଜଣେ ପ୍ରସୂତିଙ୍କ ସ୍ୱାମୀ ଏନେଇ ବୁଧବାର ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ୧ ହଜାର ଟଙ୍କା ମଗାଯାଇ ଶେଷରେ ମୂଲଚାଲ କରି ୭୫୦ ଟଙ୍କା ନିଆଯାଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇ ଏହାର ତଦନ୍ତ ଦାବି କରିଛନ୍ତି।

ଅଭିଯୋଗକାରୀ ବାଲେଶ୍ୱର ଜିଲା ଔପଦା ବ୍ଲକ ବାଙ୍କିପଦା ଅଞ୍ଚଳର ସୁରେଶ ବିଶ୍ୱାଳ ଦର୍ଶାଇଛନ୍ତି ଯେ, ସେ ତାଙ୍କ ସ୍ତ୍ରୀଙ୍କୁ ପ୍ରଥମ ପ୍ରସବ ପାଇଁ ଆଣି ସୋମବାର ରାତି ପ୍ରାୟ ୧୧ଟା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ତାଙ୍କ ସହ ଜଣେ ଆଶାକର୍ମୀ ଥିଲେ। ଚିକିତ୍ସାଳୟର କାଗଜପତ୍ର ଦାଖଲ କରିବା ପରେ ଗର୍ଭକଷ୍ଟ ପାଉଥିବା ତାଙ୍କ ସ୍ତ୍ରୀଙ୍କୁ ବିଭାଗର ଲେବର ରୁମ୍‌କୁ ପଠାଯାଇଥିଲା। ସାରା ରାତି ସେ ଗର୍ଭକଷ୍ଟ ପାଇ ଛଟପଟ ହୋଇଥିଲେ। ସକାଳ ସୁଦ୍ଧା ପ୍ରସବ ନ ହେବାରୁ ଅସ୍ତ୍ରୋପଚାର କରାଇବା ଲାଗି ସୁରେଶ ଅନୁରୋଧ କରିଥିଲେ। କିନ୍ତୁ ଡାକ୍ତର ଓ ନର୍ସ ଏହାକୁ ଏଡ଼ାଇ ଯାଇଥିଲେ। ପରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ପିଲାଟି ଜନ୍ମ ପରେ ନ କାନ୍ଦିବା ଏବଂ ଗୋଡ଼ହାତ ନ ହଲାଇବାରୁ ଡାକ୍ତର ଶିଶୁବିଭାଗକୁ ନେବା ପାଇଁ ତାଙ୍କୁ କହିଥିଲେ। ଏହି ସମୟରେ ଲେବର ରୁମ୍‌ରେ ଥିବା କେତେକ ନର୍ସ ଷ୍ଟିଚ୍ ପକାଇବା ପାଇଁ ତାଙ୍କୁ ୧ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସୁରେଶଙ୍କ ପାଖରେ ଆବଶ୍ୟକ ଟଙ୍କା ନ ଥିବାରୁ ସେ ନିରୁପାୟ ହୋଇ ମୂଲଚାଲ କରି ୭୫୦ ଟଙ୍କା ଦେଇଥିଲେ। ଏହାପରେ ପ୍ରସୂତିଙ୍କର ଷ୍ଟିଚ୍ ପକାଯାଇ ଲେବର ରୁମ୍‌ରୁ ୱାର୍ଡ଼କୁ ପଠାଯାଇଥିଲା। ଅନ୍ୟପକ୍ଷେ ଶିଶୁପୁତ୍ର ଦୀର୍ଘସମୟ ଧରି ମା' ପେଟ ଭିତରେ ରହି ଜନ୍ମ ନ ହେବା କାରଣରୁ ତା'ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିବା ଚିକିତ୍ସା କରୁଥିବା ଶିଶୁ ଡାକ୍ତର କହିଛନ୍ତି। ନବଜାତ ଶିଶୁକୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଲେବର ରୁମ୍‌ରେ ଟଙ୍କା ଆଦାୟ ଘଟଣା ପଦାକୁ ଆସିବା ପରେ କିଛି ସମୟ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।



ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

## ରକ୍ଷାଲେଖା ବିଭାଗର ବାର୍ଷିକ ଉତ୍ସବ

**ରେମୁଣା,୪।୧୦(ଡି.ଏନ.ଏ.)**

ଭାରତ ସରକାରଙ୍କ ରକ୍ଷାମନ୍ତ୍ରଣାଳୟ ଅଧୀନ ଡିଫେନ୍ସ ଆକାଉଣ୍ଟସ ଡିପାର୍ଟମେଣ୍ଟର ବାଲେଶ୍ୱର ସ୍ଥିତ ସଂଯୁକ୍ତ ରକ୍ଷାଲେଖା ନିୟନ୍ତ୍ରଣ କାର୍ଯ୍ୟାଳୟର ୨୭୨ତମ ବାର୍ଷିକ ଉତ୍ସବ ଗତ ୧ ତାରିଖ ଓଟି ରୋଡ ସ୍ଥିତ ରୋମିରେ ମହାସମାରୋହରେ ପାଳନ କରିଛି। ଏହି ଉତ୍ସବରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀ ସପରିବାରେ ତଥା ଅବସରପ୍ରାପ୍ତ କର୍ମଚାରୀଙ୍କ ପରିବାରବର୍ଗ ଅଂଶଗ୍ରହଣ କରିଥିଲେ। ଉକ୍ତ ଉତ୍ସବରେ ସଂଯୁକ୍ତ ରକ୍ଷାଲେଖା କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀ ଡ. ପି.କେ. ଜେନା, ଆଇଡିଏଏସ୍ ତାଙ୍କ ଅଭିଭାଷଣରେ ସମସ୍ତଙ୍କୁ ଅଭିବାଦନ ଜଣାଇବା ସଙ୍ଗେ ସଙ୍ଗେ ସାଧୁତା, ସଂହତି, କର୍ମନୈପୁଣ୍ୟତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପରିଶେଷରେ ଅଧିକାରୀ ଓ କର୍ମଚାରୀଙ୍କ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ତଥା ପୁରସ୍କାର ପ୍ରଦାନ କରାଯାଇଥିଲା।



ଶାନ୍ତି କମିଟି ବୈଠକରେ ଉପସ୍ଥିତ ପୋଲିସ ଓ ପୂଜା କମିଟିର ସଦସ୍ୟ।

## ଦୁର୍ଗାପୂଜା ଲାଗି ଶାନ୍ତି କମିଟି ବୈଠକ

**ବସ୍ତା,୪।୧୦(ସ୍ୱ.ପ୍ର)**

ଆଗାମୀ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ବୁଧବାର ବସ୍ତା ଥାନା ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏସ୍‌ଡିପିଓ ରଣଜିତ ପୃଷ୍ଟିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ଥାନା ଅଧିକାରୀ ଧନେଶ୍ୱର ସାହୁ, ଅତିରିକ୍ତ ତହସିଲଦାର ମୋହିନୀ କୁମାର ନାୟକ, ଏମ୍‌ପି ପ୍ରତିନିଧି ମହାଦେବ ଦାସ, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ଗୁପ୍ତା ଭାଇଚାରା ବଜାୟ ରଖି ପୂଜା ପାଳନ କରିବାକୁ କହିଥିଲେ। ଚଳିତବର୍ଷ ବସ୍ତାରେ ୪ଟି ସ୍ଥାନରେ ପୂଜା ପେଣ୍ଡାଲ ହେଉଥିବା ବେଳେ ୨ଟି ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେବ। ଏହି ବୈଠକରେ ସମସ୍ତ ପୂଜା ପେଣ୍ଡାଲ କର୍ମକର୍ତ୍ତା ସମେତ ବସ୍ତା ଥାନା ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ହେଉଥିବା ପୂଜାକମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ଶଙ୍କର କୁମାର କର, ସଦାନନ୍ଦପୁର ସରପଞ୍ଚ ଅନୀଲ କୁମାର ମହାନ୍ତି, ଖବରଦାତା ଦୀପକ କୁମାର ପରିଡ଼ା, ରାମଚନ୍ଦ୍ର ଦେବ, ଜିଲା ପରିଷଦ ସଦସ୍ୟ ତ୍ରିଲୋଚନ ବେହେରା, ସମିତିସଭ୍ୟ ରବିନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂଜା ପେଣ୍ଡାଲ ମାନଙ୍କରେ ସତର୍କତା ଅବଲମ୍ବନ ଯଥା ବିଦ୍ୟୁତ ଓ ଅଗ୍ନିକାଣ୍ଡ ଉପରେ ସମସ୍ତେ ଧ୍ୟାନ ଦେବା କମିଟି ମେମ୍ବର ପରିଚୟ ପତ୍ର ବ୍ୟବହାର କରିବା, ପାଟ୍ରୋଲିଂ କଡ଼ାକଡ଼ି କରିବା, ଅବାଧ ଚୋରାମଦ କାରବାର ବନ୍ଦ ସହିତ ପ୍ରସେସନ୍‌ର ଡିଜେ ଉପରେ କଟକଣା ଲାଗୁ ହେବା ନେଇ ଆଲୋଚନା ହୋଇଥିଲା। ଶେଷରେ ଅତିରିକ୍ତ ତହସିଲଦାର ନାୟକ ଧନ୍ୟବାଦ ଦେଇଥିଲେ।

## ଆୟୁଷ୍ମାନ ଭାରତ ଯୋଜନା ନେଇ ସଚେତନତା

**ବାଲିଆପାଳ, ୪।୧୦(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ କରିବା ପାଇଁ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ବୁଧବାର ବାଲିଆପାଳରେ ଶୁଭାରମ୍ଭ ହୋଇଛି। ଏହି ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ଭାଜପା ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ ଶୁଭାରମ୍ଭ କରିଥିଲେ। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ବାଲିଆପାଳ ବ୍ଲକର ସମସ୍ତ ପଞ୍ଚାୟତ ଓ ବୁଥସ୍ତରକୁ ଯାଇ ଭାଜପା କର୍ମକର୍ତ୍ତା ମାନେ ଏହି ଯୋଜନା ବିଷୟରେ ଜନସାଧାରଣଙ୍କୁ ବୁଝାଇବେ ବୋଲି କହିଥିଲେ। ସଚେତନତା କାର୍ଯ୍ୟକ୍ରମ ପ୍ରମୁଖ ଅରବିନ୍ଦ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ପରିଷଦ ସଦସ୍ୟ ଶ୍ୟାମପ୍ରସାଦ ବେହେରା, ରାଜ୍ୟ ଓବିସି ମୋର୍ଚ୍ଚା କମିଟି ସଦସ୍ୟ ଶିବଶଙ୍କର ପ୍ରଧାନ, ରାଜ୍ୟପରିଷଦ ସଦସ୍ୟ ସୁବଳଚନ୍ଦ୍ର ଦାସ, ଏସି ମୋର୍ଚ୍ଚା ଜିଲା ସମ୍ପାଦକ ସୁଧୀର ଜେନା, ବାଲିଆପାଳ ମଣ୍ଡଳ ସଭାପତି ନୀଳକଣ୍ଠ ଜେନା, ବାଲିଆପାଳ ମଣ୍ଡଳ ସାଧାରଣ ସମ୍ପାଦକ ଜୟନ୍ତ ଦାସ, ରାଜକିଶୋର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି ସଚେତନତା ରଥ ସ୍ଥାନରେ ପହଞ୍ଚିବା ସହିତ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥି ସହିତ ଭାଜପା କର୍ମକର୍ତ୍ତା ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ କରିବା ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ ମାଧ୍ୟମରେ ବିଭିନ୍ନ ଲୋକଙ୍କର ଦସ୍ତଖତ ସଂଗ୍ରହ କରିଥିଲେ।

## ମାଖନପୁର ପଞ୍ଚାୟତରେ ବିଜେଡି ପଦଯାତ୍ରା

**ଖଇରା,୪।୧୦(ଡି.ଏନ.ଏ.)**



ବିଜେଡିର ପଦଯାତ୍ରାରେ ସାମିଲ୍ ନେତା ଓ କର୍ମୀ।

ଖଇରା ବ୍ଲକ୍ ଅଧୀନ ମାଖନପୁର ପଞ୍ଚାୟତରେ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଜେଡି କର୍ମୀଙ୍କର ଏକ ଶୋଭାଯାତ୍ରା ଭାଟପଡ଼ାରୁ ବାହାରି ଜେନା ସାହି, ଭୂୟାଁ ସାହି ଓ କୁତୁପୁର ଦେଇ ସାଉଣ୍ଡିଆ ହନୁମାନ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ବ୍ଲକ୍ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି ଅଧକ୍ଷତା କରିଥିଲେ। ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବ୍ଲକ୍ ଅଧକ୍ଷା ଅଭିଲିପ୍ସା ସାହୁ, ଜିଲାପରିଷଦ ସଦସ୍ୟା ଜୟନ୍ତୀ ମହଲା, ସମିତିସଭ୍ୟା ଜୟନ୍ତୀ ପାଣୀ, ବ୍ଲକ୍ ବିଜେଡି ମହିଳା ମୋର୍ଚ୍ଚା ସଭାପତି ଛବିଲତା ମହାପାତ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ଜୟନ୍ତୀ ପତି, ମାଖନପୁର ପଞ୍ଚାୟତ ବିଜେଡି ସଭାପତି ଅନାଦି ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତର ଦଳୀୟ କର୍ମୀ ସହଯୋଗ କରିଥିଲେ।

## ସଶକ୍ତୀକରଣ ଲାଗି ଦୃଢ଼ ଇଚ୍ଛାଶକ୍ତି ଲୋଡ଼ା

**ବାହାନଗା,୪।୧୦**



ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ପ୍ରଦାନ କରୁଛନ୍ତି।

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ଗତ ବୁଧବାର ପଣପଣା ପଞ୍ଚାୟତର ସରସ୍ୱତୀୟା ହରିଜନ ସାହିରେ ଥିବା ଗାନ୍ଧୀ ସେବା ସଂଘ ତରଫରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ସମେତ ମହାପୁରୁଷ ରାମକୃଷ୍ଣଦେବ ଶର୍ମାଙ୍କ ଜନ୍ମ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ସକାଳେ ପିଲାମାନଙ୍କ ଦ୍ୱାରା ରାମଧ୍ୱନୀ, ପ୍ରଭାତ ଫେରି, ରୋଗୀମାନଙ୍କୁ ଫଳ ବଣ୍ଟନ, ସାହିରେ ମିଷ୍ଟାନ୍ନ ବଣ୍ଟନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା।

ଏହି ଅବସରରେ ଗାନ୍ଧୀ ସେବା ସଂଘ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରୋହିତ୍ୟ କରିଥିଲେ ସଂଘର ସମ୍ପାଦକ ଗଜେନ୍ଦ୍ର ଯେନା। ମୁଖ୍ୟଅତିଥି ଭାବେ ପଣପଣାର ନବଚେତନା ମଞ୍ଚର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଗାନ୍ଧିଜୀଙ୍କ ମୁଖ୍ୟ ଲକ୍ଷ୍ୟ ସ୍ୱଚ୍ଛଭାରତ ଓ ମଦମୁକ୍ତ ଭାରତ ବିଷୟରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇ ଥିଲେ। ମୁଖ୍ୟବକ୍ତା ଭାବେ ରାମକୃଷ୍ଣ ମେମୋରିଆଲ କାଉନ୍‌ସିଲର ପରିଚାଳନା ନିର୍ଦ୍ଦେଶକ ଡା. ରାଧାକାନ୍ତ ଶାସ୍ତ୍ରୀ ଯୋଗଦେଇ ବାହ୍ୟ ମଳତ୍ୟାଗ ମୁକ୍ତ ଭାରତ ପାଇଁ କେବଳ ଘରେଘରେ ପାଇଖାନା କରିଦେବା ଯଥେଷ୍ଟ ନୁହେଁ ବୋଲି ଯୁକ୍ତି ବାଢ଼ିଥିଲେ। ସ୍ୱଚ୍ଛ ରହିବା ମାନସିକତାକୁ ସମସ୍ତେ ଗ୍ରହଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ହରିଜନ ସାହିରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ଗଜେନ୍ଦ୍ର ଯେନା ମହିଳା ସଶକ୍ତିକରଣ ପାଇଁ ଦୃଢ଼ ଇଚ୍ଛାଶକ୍ତି ରହିବା ସହିତ ରାମକୃଷ୍ଣଙ୍କୁ ଅନୁସରଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବଚେତନା ମଞ୍ଚର ସମ୍ପାଦକ ଶଙ୍କର୍ଷଣ ସାହୁ, ନାରାୟଣ ଯେନା, କମଳାକାନ୍ତ ଯେନା, ଭଗବାନ ଯେନା, ଗୋପାଳ ଯେନା, ଚିନ୍ତାମଣୀ ଯେନା, ରତ୍ନାକର ଯେନା, ମହେଶ୍ୱର ଯେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

**ବାହାନଗା, ୪।୧୦(ଡି.ଏନ.ଏ.):** ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଜିତୁ ଦାସ ନାମକ ଜଣେ ଯୁବକ ମଙ୍ଗଳବାର ରାତିରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ.୩୬୯/୧୮) ରୁଜୁ କରାଯାଇ ୩୭୬(୨୦)(୩)/୫୦୬, ଆଇପିସି/୬ ପିସି ସେକ୍ସୁଆଲ ଅଫେନ୍ସ ଧାରା ରୁଜୁ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚୁରା ଚଳାଇଛି। ଜିତୁ ଉକ୍ତ ନାବାଳିକାଙ୍କୁ ମାଜା ପିଇବା ବାହାନାରେ ଘରୁ ଡାକିନେଇ ରାମପୁରସ୍ଥିତ ଏକ ବିଲରେ ବଳାତ୍କାର କରିଥିବା ନାବାଳିକାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି।

# ରୋଗ ନିରୂପଣ ସ୍ୱାସ୍ଥ୍ୟ ଶିବିର

**ସଜନାଗଡ଼, ୪।୧୦(ଡି.ଏନ.ଏ.)**

ନୀଳଗିରି ଡାକ୍ତରଖାନା ପରିସରରେ ବୁଧବାର 'ନିଦାନ' ପକ୍ଷରୁ ନିଃଶୁଳ୍କ ରୋଗ ନିରୂପଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ପ୍ରକାର ରକ୍ତ, ପରିସ୍ରା ତଥା ବ୍ଲଡ୍‌ସୁଗାର, ଟିଏସ୍‌ଏଚ୍, ଟି ୩, ଟି୪, ସିଏସ୍‌ଏଫ୍, ପିୟୁରାଲ କଲ୍ଚର ମାଗଣାରେ ପରୀକ୍ଷା କରାଯାଇଛି। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଏହି ଶିବିର କରାଯାଇଥିଲା। ନୀଳଗିରି ଡାକ୍ତରଖାନାର ଏସ୍‌ଡିଏମ୍‌ଓ ଡା. ଅଜୟ କୁମାର ସାମଲ, ଡା. ତ୍ରିନାଥ ପାଲ୍ ଶିବିର ପରିଚାଳନାରେ ସହଯୋଗ କରିଥିଲେ। 'ନିଦାନ' ପକ୍ଷରୁ ଏଜିଏମ୍ ସତ୍ୟପ୍ରକାଶ ମିଶ୍ର, ସିଦ୍ଧାନ୍ତ ଚାଟାର୍ଜୀ, ପ୍ରୋଜେକ୍ଟ ମ୍ୟାନେଜର ଜୟନ୍ତ ବେହେରା, ଅସିତ୍ କୁମାର ନାୟକ, ରବି ନାରାୟଣ ମହାପାତ୍ର, ସୌଭାଗ୍ୟବତୀ ପରିଡ଼ା, ରାଜକିଶୋର ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ୧୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଏହାର ଫଳାଫଳ ଆସନ୍ତା ୬ ତାରିଖ ଡାକ୍ତରଖାନାରେ ମିଳିବ ବୋଲି ଜଣାପଡ଼ିଛି।


## ବ୍ରେକ୍ ଭ୍ୟାନ୍‌ଗୁଡ଼ିକର ଲିଜ୍

ଟେଣ୍ଡର ବିଜ୍ଞପ୍ତି ସଂ.: C/SBP/Tender/SLR/SLRD/9/18, ତା. 26.09.2018ରିଖ

**କାର୍ଯ୍ୟର ନାମ**

ପଞ୍ଜିକୃତ ଲିଜ୍‌ଧାରୀମାନଙ୍କୁ ବ୍ରେକ୍ ଭ୍ୟାନ୍ [SLRs/SLRDs] ପାର୍ସଲ ସ୍ଥାନର ଲିଜ୍ ।

| କ୍ର ସଂ. | ଟ୍ରେନ୍ ନଂ. | ଟ୍ରେନ୍ ର ନାମ | ଠାରୁ - ପର୍ଯ୍ୟନ୍ତ | ଲିଜ୍ ପାଇଁ ଉପଲବ୍ଧ ସ୍ଥାନ | ଏସ୍‌ଏଲ୍‌ଆର ର ବିନିର୍ଦ୍ଦେଶନ | ଆରକ୍ଷଣ ମୂଲ୍ୟ (ଟଙ୍କାରେ) |
|---|---|---|---|---|---|---|
| 1 | 18309 | ସମ୍ବଲପୁର-ଜମ୍ମୁ ତାୱି ଏକ୍ସପ୍ରେସ୍ | ସମ୍ବଲପୁର-ଜମ୍ମୁ ତାୱି | 04-Tonne F/SLR(FC) | SLRD | 22,173/- |
| 2 | 20809 | ନାଗାବଳୀ ଏକ୍ସପ୍ରେସ୍ | ସମ୍ବଲପୁର-ନାନ୍ଦେଡ୍ | 04-Tonne FSLR(FC) | GSLRD | 11,637/- |
| | | | | 04-Tonne RSLR(FC) | SLR | 11,637/- |
| 3 | 18006 | ସମଲେଶ୍ୱରୀ ଏକ୍ସପ୍ରେସ୍ | ସମ୍ବଲପୁର-ହାଓଡ଼ା ଅଂଶ | 04-Tonne FSLR(FC) | GSLRD | 4,987/- |
| 4 | 12872 | ଇସ୍ପାତ୍ ଏକ୍ସପ୍ରେସ୍ | ଟିଟିଲାଗଡ଼-ହାଓଡ଼ା | 04-Tonne FSLR(FC) | GSLRD | 4,239/- |
| | | | | 04-Tonne RSLR(RC) | SLR | 4,239/- |
| 5 | 18438 | ଲିଙ୍କ୍ ଏକ୍ସପ୍ରେସ୍ | ଜୁନାଗଡ଼ ରୋଡ଼-ଭୁବନେଶ୍ୱର | 04-Tonne FSLR(FC) | SLRD | 3,789/- |
| | | | | 04-Tonne RSLR(FC) | SLR | 3,789/- |
| 6 | 22804 | ସମ୍ବଲପୁର-ହାଓଡ଼ା ଏକ୍ସପ୍ରେସ୍ | ସମ୍ବଲପୁର-ହାଓଡ଼ା ଭାୟା ଅନଗୁଳ | 04-Tonne FSLR and RSLR | SLR | 3,836/- |
| 7 | 58303 | ସମ୍ବଲପୁର-ଜୁନାଗଡ଼ ରୋଡ଼ ପାସେଞ୍ଜର | ସମ୍ବଲପୁର-ଜୁନାଗଡ଼ ରୋଡ଼ | 04-Tonne FSLR and RSLR | SLR | 1,057/- |

ସପ୍ତାହରେ ଚଳାଚଳ ଦିବସ : କ୍ରମ ସଂ.1 ଏବଂ 3 ପାଇଁ : ଦୈନିକ (ଆର-ସ୍କେଲ), କ୍ରମ ସଂ.2 ପାଇଁ : ତ୍ରି-ସାପ୍ତାହିକ (ଆର-ସ୍କେଲ), କ୍ରମ ସଂ.4 ଏବଂ 5 ପାଇଁ : ଦୈନିକ (ପି-ସ୍କେଲ), କ୍ରମ ସଂ.6 ପାଇଁ : ସାପ୍ତାହିକ (ପି-ସ୍କେଲ) ଏବଂ କ୍ରମ ସଂ.7 ପାଇଁ : ଦୈନିକ (ଏସ୍-ସ୍କେଲ) ।

EMD(ଟଙ୍କାରେ) : 1,00.000/- (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) । ଟେଣ୍ଡର ଫର୍ମର ମୂଲ୍ୟ : ଟ.1,000/- + GST@ 18% (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) । ଟେଣ୍ଡର ନଥିପତ୍ର ଜାରି ହେବାର ଅନ୍ତିମ ତାରିଖ ଓ ସମୟ : ତା.09.11.2018ରିଖ 1700 ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.12.11.2018ରିଖ 1600 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲା ଯିବା ତାରିଖ ଓ ସମୟ : ତା.12.11.2018ରିଖ 1630 ଘଟିକାରେ ।

ଟେଣ୍ଡର ନଥିପତ୍ର ଉପଲବ୍ଧ ହେବା ସ୍ଥାନ : ତା.09.11.2018ରିଖ ପର୍ଯ୍ୟନ୍ତ 1000 ଘଟିକାରୁ 1700 ଘଟିକା ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ । ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ www.eastcoastrail.indianrailways.gov.in ଏବଂ http://tenders.gov.in ରେ ମଧ୍ୟ ଉପଲବ୍ଧ ହେବ ।

ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳ, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରାଯାଇ ପାରିବ ।

PR - 359/J/18-19

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ସମ୍ବଲପୁର

**ପୂର୍ବ ତଟ ରେଳପଥ**



## ଆଲ୍ଲାହାବାଦ ବ୍ୟାଙ୍କ

ମଣ୍ଡଳ କାର୍ଯ୍ୟାଳୟ : ୩/୧ବି, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: (୦୬୭୪)୨୩୬୨୩୪୨/୨୩୬୦୪୩୩, ଫ୍ୟାକ୍ସ: ୨୩୬୨୮୩୬

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟେରେଷ୍ଟ ଆକ୍ଟ,୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି**

**ଆଲ୍ଲାହାବାଦ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ଧାରା ୧୩ (୨) ଅନୁଯାୟୀ ନୋଟିସ୍ ଜାରି କରି ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିକୁ ଦଖଲ କରିଛନ୍ତି। ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ **"ଯେଉଁଠାରେ ଯେପରି ଅଛି ଭିତ୍ତିରେ, ଯାହା ଯେପରି ଅଛି ଭିତ୍ତିରେ"** ଉକ୍ତ ସମ୍ପତ୍ତିଗୁଡିକୁ ବିକ୍ରୟ କରିବାକୁ ଅଧିକାର ପାଇଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ **https://allahabadbank.auctiontiger.net** ରେ ପ୍ରଦତ୍ତ ପ୍ଲାଟଫର୍ମ ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତିଗୁଡିକୁ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: ତା୨୬.୧୦.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୧.୦୦ ଘଟିକା**

**ପ୍ରସ୍ତାବ/ଇ-ନିଲାମ ପ୍ରକ୍ରିୟା ସମ୍ବନ୍ଧୀୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା୨୪.୧୦.୨୦୧୮ରିଖ ଅପରାହ୍ନ ୦୫.୦୦ ଘଟିକା ସୁଦ୍ଧା**

| ଶାଖାର ନାମ / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ଡିମାଣ୍ଡ ନୋଟିସ୍ ତାରିଖ, (ଖ) ଦଖଲ ନୋଟିସ୍ ତାରିଖ, (ଗ) ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | (କ) ସଂରକ୍ଷିତ ମୂଲ୍ୟ (ଖ) ଅମାନତ ରାଶି (ଗ) ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଶ୍ରୀଧର ଚନ୍ଦ୍ର ବଳ,** ପିତା: ଶ୍ରୀ ପ୍ରକାଶ ଚନ୍ଦ୍ର ବଳ ଏବଂ **୨) ଶ୍ରୀମତୀ ମୋନାଲିସା ପାତ୍ର,** ସ୍ୱାମୀ: ଶ୍ରୀ ଶ୍ରୀଧର ଚନ୍ଦ୍ର ବଳ, ପ୍ଲଟ୍ ନଂ.: ୧୨୭(ପି), ୧୩୧/୧୩୪୪, ବରେନ କୃଷ୍ଣ ଭିଲ୍ଲା, ମହର୍ଷି କଲେଜ ଅଫ୍ ନାଚୁରାଲ ଲ ଆଣ୍ଡ ସାଇନ୍ସ ପଛପାଖ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭ | (କ) ୧୮.୦୬.୨୦୧୬, (ଖ) ୨୧.୦୯.୨୦୧୬, (ଗ) ୧୭.୦୬.୨୦୧୬ ସୁଦ୍ଧା ଟ.୫୨,୯୦,୦୩୨/- + ୧୭.୦୬.୨୦୧୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀ ଶ୍ରୀଧର ଚନ୍ଦ୍ର ବଳ**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହା ହିଲ୍ ଭିଉ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ.: ୩୦୩, ୨ୟ ମହଲା, ବିଲ୍ଟ ଅପ୍ ଏରିଆ: ୧୪୬୫ ବର୍ଗଫୁଟ ସହିତ ଗ୍ୟାରେଜ ନିମନ୍ତେ ସ୍ଥାନ ଯାହାର ନଂ.: ସି/୦୧, ଏହି ଫ୍ଲାଟ୍‌ର ସାଧାରଣ ଖୋଲା ସ୍ଥାନ, କବାଟ ଏବଂ ବାରଣ୍ଡା, ପ୍ରବେଶ ଘର, ସିଡି ଅଛି, ଏହାର ବିଡିଏ ଅନୁମୋଦିତ ନଂ.: ୧୯୩୭୭/ବିପି, ତା.୨୦.୧୧.୨୦୧୦, ଅବିଭକ୍ତ ଜମିର ପରିମିତ କ୍ଷେତ୍ର: ଏକର୦.୧୫୪ଡିସିମିଲିରୁ ଏକର୦.୦୧୭ଡିସିମିଲି, ଡ୍ରଇଂ ନଂ.: ୧୧୬୧, ଅନୁରୂପ ପ୍ଲଟ୍ ନଂ.: ୩୨୧/୪୯୧୬ ଏବଂ ୩୨୧/୫୦୯୮, ମୌଜା: ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ୟୁନିଟ ନଂ.: ୪୧, ଥାନା: ଭୁବନେଶ୍ୱର, ଥାନା ନଂ.: ୨୩, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାରେ ଅବସ୍ଥିତ। | (କ) ଟ.୫୧,୩୦,୦୦୦/- (ଖ) ଟ.୫,୧୩,୦୦୦/- (ଗ) ଟ.୨୫,୦୦୦/- |
| **ସହୀଦ ନଗର ଶାଖା, ଭୁବନେଶ୍ୱର /** **ଋଣଗ୍ରହୀତା: ମେସର୍ସ କିସଲୟ ଗୁରୁକୁଳ ପ୍ରା. ଲିଃ,** ପଞ୍ଜିକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ: ୪୭୭, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, **ନିର୍ଦ୍ଦେଶକମାନେ: ୧) ଶ୍ରୀ ଅଞ୍ଜନ ଜଗଦେବ ମହାପାତ୍ର,** ପିତା: ଶ୍ରୀ ଅଭୟ କୁମାର ମହାପାତ୍ର, **୨) ଶ୍ରୀ ଆନନ୍ଦ ପ୍ରସାଦ କାନୁନ୍‌ଗୋ,** ପିତା: ୯ ମହେନ୍ଦ୍ର ନାଥ କାନୁନ୍‌ଗୋ / **ଜାମିନ୍‌ଦାରମାନେ: ୧) ଶ୍ରୀ ଅଞ୍ଜନ ଜଗଦେବ ମହାପାତ୍ର,** ପିତା: ଶ୍ରୀ ଅଭୟ କୁମାର ମହାପାତ୍ର, **୨) ଶ୍ରୀ ଆନନ୍ଦ ପ୍ରସାଦ କାନୁନ୍‌ଗୋ,** ପିତା: ୯ ମହେନ୍ଦ୍ର ନାଥ କାନୁନ୍‌ଗୋ, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୪୭୭, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, **୩) ଶ୍ରୀ ଅମ୍ବିକା ପ୍ରସାଦ ଜଗଦେବ ମହାପାତ୍ର,** ପିତା: ଶ୍ରୀ ଅଭୟ କୁମାର ଜଗଦେବ ମହାପାତ୍ର, ସା/ପୋ: ଯାଆଁଳା, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୪ | (କ) ୧୯.୧୧.୨୦୧୭, (ଖ) ୨୩.୦୨.୨୦୧୮, (ଗ) ୩୧.୧୦.୨୦୧୭ ସୁଦ୍ଧା ଟ.୧,୬୪,୫୬,୭୯୮/- + ୩୧.୧୦.୨୦୧୭ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀ ଅମ୍ବିକା ପ୍ରସାଦ ଜଗଦେବ ମହାପାତ୍ର**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଖୋଲା ଜମି) ଯାହାର ମୌଜା: ନୂଆଗାଁ, ଥାନା: ଲିଙ୍ଗରାଜ, ଏସ୍‌ଆରଓ/ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୫୩/୧୦୫୦, ପ୍ଲଟ୍ ନଂ.: ୨୯/୧୭୦୬, ଚକ ନଂ.: ୧୮/୫୯, ଜମିର ସମୁଦାୟ କ୍ଷେତ୍ର: ଏକର୧.୦୦୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଦେବୋତ୍ତର ସମ୍ପତ୍ତି, ପ୍ଲଟ୍ ନଂ.: ୩୦, ୩୧, ୩୨, ୩୩, ୩୪, ଦକ୍ଷିଣ: ପ୍ଲଟ୍ ନଂ.: ୨୮ (ଚକ ନଂ.: ୧୭), ପୂର୍ବ: ପ୍ଲଟ୍ ନଂ.: ୫୦ (ଚକ ନଂ.: ୨୭) ଏବଂ ପ୍ଲଟ୍ ନଂ.: ୫୧ (ଚକ ନଂ.: ୨୬), ପଶ୍ଚିମ: ରାସ୍ତା | (କ) ଟ.୧,୮୭,୨୦,୦୦୦/- (ଖ) ଟ.୧୮,୭୨,୦୦୦/- (ଗ) ଟ.୨୫,୦୦୦/- |
| **ସମ୍ବଲପୁର ଶାଖା /** **ଋଣଗ୍ରହୀତାମାନେ: ଶ୍ରୀ ରାଜେଶ କୁମାର ପାଣିଗ୍ରାହୀ,** ପିତା: ଶ୍ରୀ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, **ସହ-ଋଣଗ୍ରହୀତା: ଶ୍ରୀମତୀ ଜୟଶ୍ରୀ ପାଣିଗ୍ରାହୀ,** ସ୍ୱାମୀ: ଶ୍ରୀ ରାଜେଶ କୁମାର ପାଣିଗ୍ରାହୀ, ଉଭୟଙ୍କ ଠିକଣା: ସା: ଭାଲୁବାହାଲ, ଶାସନ, ଜିଲ୍ଲା: ସମ୍ବଲପୁର, ପିନ୍-୭୬୮୦୦୨ / **ଜାମିନ୍‌ଦାର: ଶ୍ରୀ ରାଜେଶ ଚନ୍ଦ୍ର ପତି,** ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ପତି, ସା: ବଂଶୀଧର ନଗର, ପୋ: ବରେଇପାଲି, ଜିଲ୍ଲା: ସମ୍ବଲପୁର, ପିନ୍-୭୬୮୦୦୬ | (କ) ୦୫.୧୨.୨୦୧୬, (ଖ) ୨୧.୧୦.୨୦୧୭, (ଗ) ୦୫.୧୨.୨୦୧୬ ସୁଦ୍ଧା ଟ.୨୯,୮୨,୩୧୨/- + ୦୫.୧୨.୨୦୧୬ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀ ରାଜେଶ କୁମାର ପାଣିଗ୍ରାହୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଭାଲୁବାହାଲ, ଥାନା: ଶାସନ, ତହସିଲ: ରେଙ୍ଗାଲି, ଜିଲ୍ଲା: ସମ୍ବଲପୁର, ଖାତା ନଂ.: ୨୪୨/୧୬୬, ପ୍ଲଟ୍ ନଂ.: ୨୪୯/୧୧୬୫, କ୍ଷେତ୍ର: ଏକର୦.୧୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ.: ୨୪୯ (ପି), ଦକ୍ଷିଣ: ଉତ୍ତର: ପ୍ଲଟ୍ ନଂ.: ୨୪୯ (ପି), ପୂର୍ବ: ପ୍ଲଟ୍ ନଂ.: ୨୪୩, ପଶ୍ଚିମ: ପ୍ଲଟ୍ ନଂ.: ୨୫୧ | (କ) ଟ.୪୦,୮୯,୦୦୦/- (ଖ) ଟ.୪,୦୮,୯୦୦/- (ଗ) ଟ.୨୫,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ-ନିଲାମ ପ୍ଲାଟଫର୍ମ **(https://allahabadbank.auctiontiger.net)** ଆମର ଇ-ନିଲାମ ସେବା ପ୍ରଦାନକାରୀ **ମେସର୍ସ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜିସ୍ ଲିଃ. (ଅକ୍ସନ ଟାଇଗର),** ଅହମ୍ମଦାବାଦ, ଯାହାର ପଞ୍ଜିକୃତ କାର୍ଯ୍ୟାଳୟ: ଗୁଜରାଟ, **(ଯୋଗାଯୋଗ ନଂ. ଏବଂ ମୋବାଇଲ ନଂ.: ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାଜେଶ ନାୟକ, ୦୭୯-୪୦୨୩୦୮୨୧/୮୨୩/୮୨୪ ଏବଂ ୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ। ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ **EMD** ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ-ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ୍ ପ୍ରଦାନ କରିପାରିବେ।

୨) ଇ-ନିଲାମରେ ଅଂଶ ଗ୍ରହଣ କରିବାକୁ ଋହୁଁଥିବା ଅଂଶଗ୍ରହଣକାରୀମାନେ ସେବା ପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ-ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶନ ପୁସ୍ତିକା ଏବଂ ଇ-ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁଷଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ-ନିଲାମ ସେବା ପ୍ରଦାନକାରୀ **ମେସର୍ସ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜିସ୍ ଲିଃ. (ଅକ୍ସନ ଟାଇଗର) ଅହମ୍ମଦାବାଦ** ର ୱେବସାଇଟରୁ ଡାଉନଲୋଡ଼ କରିପାରିବେ।

୩) ଇଚ୍ଛୁକ ନିଲାମଧାରୀମାନେ ଇ-ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ୍ **(https://allahabadbank.auctiontiger.net)** ଦ୍ୱାରା **ତା୨୬.୧୦.୨୦୧୮ରିଖ ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୦୧.୦୦ଘଟିକାରେ** ସମ୍ପନ୍ନ ହେବାକୁ ଥିବା ଇ-ନିଲାମରେ ଅଂଶଗ୍ରହଣ କରିପାରିବେ। ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ **ତା୦୫.୧୦.୨୦୧୮ରିଖ** ପରଠାରୁ **www.tenders.gov.in** ଏବଂ **https://allahabadbank.auctiontiger.net** ଦେଖନ୍ତୁ।

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ।**

**(ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ: ତା୨୪.୧୦.୨୦୧୮ ଅପରାହ୍ନ ୦୫.୦୦ଘଟିକା ସୁଦ୍ଧା)**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୧୦.୨୦୧୮** — **କ୍ଷମତାପ୍ରାପ୍ତ ଅଧିକାରୀ, ଆଲାହାବାଦ ବ୍ୟାଙ୍କ**

## ସଂକ୍ଷେପରେ

### ପାରିବାରିକ କଳହରୁ ମାରପିଟ

**ଯୋଡା, ୪।୧୦(ଡି.ଏନ.ଏ.):** ବାମେବାରୀ ଥାନା ଚିପିନ୍ଡା ଗ୍ରାମରେ ପାରିବାରିକ କଳହକୁ ନେଇ ମାରପିଟ ହୋଇଥିବା ଥାନାରେ ମାମଲା ହୋଇଛି। ଉକ୍ତ ଗ୍ରାମର ନରହରି ନାଏକଙ୍କ ସହ ତାଙ୍କ ବଡପୁଅ ରମେଶ ନାଏକଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରମେଶ ତାଙ୍କ ବାପା ନରହରି ଓ ଭାଇ ତପନଙ୍କୁ ମାଡ ମାରିଥିଲେ। ଏ ନେଇ ନରହରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ତାଙ୍କୁ ମଧ୍ୟ ମାଡ ମରାଯାଇଥିବା ରମେଶ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ପୃଥକ ମାମଲା (ନଂ.୧୨୮/୧୮ ଓ ୧୨୯/୧୮) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ପାଟଣା ସୁରକ୍ଷା କମିଟି ଗଠିତ



**ପାଟଣା, ୪।୧୦(ସ୍ୱ.ପ୍ର.):** ପାଟଣା ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ଓ ବିକାଶ ସକାଶେ ସବୁ ବର୍ଗର ଲୋକଙ୍କୁ ନେଇ ବୈତରଣୀ ତଟରେ ମଙ୍ଗଳବାର ପାଟଣା ସୁରକ୍ଷା କମିଟି ଗଠିତ ହୋଇଛି। ଏଥିରେ ସର୍ବସମ୍ମତିରେ ଉପଦେଷ୍ଟା ଭାବେ ଅଜୟ କୁମାର ଦାଶ, ଅନ୍ନପୂର୍ଣ୍ଣା ଦାଶ, ପ୍ରଶାନ୍ତ ଭଞ୍ଜଦେଓ ଓ ରଞ୍ଜନ ବେହେରା ମନୋନୀତ ହୋଇଛନ୍ତି। ଆବାହକ ଭାବେ ବିଜୟ ରତ୍ନ ପତି ରହିଛନ୍ତି। ଆଇନ ପରାମର୍ଶ ଦାତା ଭାବେ ଆଇନଜୀବୀ ରାହସ ବିହାରୀ ପୃଷ୍ଟି, ଗଣମାଧମ ମୁଖ୍ୟ ଭାବେ ମହେଶ୍ୱର ପୃଷ୍ଟି ମନୋନୀତ ହୋଇଛନ୍ତି। ସଭାପତି ଭାବେ ଅୟସ୍କିତ ଦାଶ, ଉପସଭାପତି ବିକାଶ ଦାସ ଓ ବାସନ୍ତୀ ବେହେରା, ସମ୍ପାଦକ ସବୀର ଦାଶ, ସହସମ୍ପାଦକ ଜୀତେନ୍ଦ୍ର ଭଞ୍ଜ ଓ କୋଷାଧକ୍ଷ ଏସଏମବି କବିର ମନୋନୀତ ହୋଇଛନ୍ତି।

### ତେଜୁଛି ଆଇନଜୀବୀଙ୍କ ଆନ୍ଦୋଳନ



**ଆନନ୍ଦପୁର, ୪।୧୦(ସ୍ୱ.ପ୍ର.):** ଆଇନଜୀବୀଙ୍କ ଆନ୍ଦୋଳନ ଚାଲୁରହିଛି। ପୁନର୍ବାର ଏକ ବୈଠକ ଡକାଯାଇ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନର ସମୟ ସୀମାକୁ ବୃଦ୍ଧି କରାଯାଇଥିବା ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏଥିପାଇଁ କନଫରେନ୍ସ ଗୃହରେ ଆୟୋଜିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। କଟକ ଚାଉଳିଆଗଞ୍ଜ ଥାନାର ପୋଲିସ କର୍ମଚାରୀ ଓଡ଼ିଶା ହାଇକୋର୍ଟର ଜଣେ ଆଇନଜୀବୀଙ୍କୁ ସର୍ବସାଧାରଣରେ ପିଟିବା ଘଟଣାକୁ ନେଇ ଦୋଷୀଙ୍କୁ ଗିରଫ ଦାବିରେ ଆନନ୍ଦପୁର ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଚାଲୁରହିଛି। କାର୍ଯ୍ୟବନ୍ଦ ଆନ୍ଦୋଳନରେ ସଂଘର ଉପସଭାପତି ବାଇଧର ସେଠୀ, ସମ୍ପାଦକ ଅମର ମହାପାତ୍ର, ସହସମ୍ପାଦକ ଭରତ ଚନ୍ଦ୍ର ସେଠୀ, କୋଷାଧକ୍ଷ ଅଶୋକ ରାଉଳ, କାର୍ଯ୍ୟକାରୀ ସଦସ୍ୟ ଉମେଶ ମହାନ୍ତି, ପ୍ରଦୀପ ଜେନା, କହ୍ନେଇ ଚରଣ ସାହୁ, ପ୍ରମୁଖଙ୍କ ସମେତ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପଟ୍ଟନାୟକ କିଶୋର ଚକ୍ର, ହୃଦାନନ୍ଦ ଦ୍ୱିବେଦୀ, ରବୀନ୍ଦ୍ର ବେହେରା, ଜନାର୍ଦ୍ଦନ ମିଶ୍ର, ରମେଶ ସାହୁ ବିଜୟ ଦାସ, ବସନ୍ତ ଘଡେଇ, ଦେବ ପ୍ରକାଶ ଦାସ, ସରୋଜ କାନ୍ତ ପରିଡା, ଭଗବାନ ମଲ୍ଲିକ, ମାନସ ରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ୨ ସୋଲାର ଚୋର ଅଟକ

**ତେଲକୋଇ, ୪।୧୦(ଡି.ଏନ.ଏ.):** ତେଲକୋଇ ଥାନା କାଳିଆହତା ଶିବ ମନ୍ଦିର ପରିସରରୁ ସୋଲାର ଚୋରି ଘଟଣାରେ ୨ ଜଣ ଅଟକ ରହିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ୨ ନାବାଳକଙ୍କୁ ଅଟକ ରଖିଛି। ପରେ ସେମାନଙ୍କୁ ରାଉରକେଲାସ୍ଥିତ ଜୁଭେନାଇଲକୁ ପଠାଯିବାର ବ୍ୟବସ୍ଥା କରାଯାଇଥିବା ପୋଲିସ କହିଛି।

# ଛାତ୍ରୀଛାତ୍ରଙ୍କୁ ଦିଆଯାଉଛି ପଖାଳ

**ତେଲକୋଇ, ୪।୧୦(ଡି.ଏନ.ଏ.)**


ଛାତ୍ରମାନେ ବିଦ୍ୟାଳୟ ପରିସରରେ ଖାଦ୍ୟ ଖାଉଛନ୍ତି।

- ସମସ୍ୟାରେ ଘେରରେ ମଧୁସୂଦନପୁର ଆଦିବାସୀ ଆଶ୍ରମ ବିଦ୍ୟାଳୟ
- ଖାଦ୍ୟପେୟରେ ଅନିୟମିତତା ଅଭିଯୋଗ ଆଣିଲେ ଗ୍ରାମବାସୀ

ଆଦିବାସୀ ଇଲାକାରେ ଛାତ୍ରୀଛାତ୍ରଙ୍କ ପାଇଁ ସରକାର ବ୍ୟାପକ ଯୋଜନା କରିଛନ୍ତି। ଜିଲା ଆଦିବାସୀ ଉନ୍ନୟନ ସଂସ୍ଥା ଜରିଆରେ ବହି, ଖାତା, ପୋଷାକ, ଖାଦ୍ୟ, ସ୍ୱାସ୍ଥ୍ୟସେବା, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ବହୁ ଟଙ୍କା ବ୍ୟୟ ହେଉଛି। ବାସ୍ତବ କ୍ଷେତ୍ରରେ ତାହାର ଉପଯୋଗ ହୋଇ ପାରୁ ନ ଥିବାରୁ ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ଅଧୀନ ମଧୁସୂଦନପୁର ଆଦିବାସୀ ଆଶ୍ରମ ବିଦ୍ୟାଳୟରେ ସମସ୍ୟା ବୃଦ୍ଧି ପାଇଛି। ପ୍ରତି ସପ୍ତାହରେ ଖାଦ୍ୟପେୟ ଚାଟ୍ ଅନୁସାରେ ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ଦିଆଯାଉ ନ ଥିବା ବେଳେ ପୋଷାକ, ମଶାରି, କମଳ ଦେବାରେ ଅବହେଳା କରାଯାଉଛି। ଛାତ୍ରୀଛାତ୍ରଙ୍କୁ ପଖାଳ ଭାତ ଖାଇବାକୁ ଦିଆଯାଉଥିବା ନେଇ କେତେକ ଅଭିଭାବକ ଜିଲାପାଳଙ୍କ ସହ ଜିଲା ଆଦିବାସୀ ଉନ୍ନୟନ ସଂସ୍ଥାଠାରେ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ଉକ୍ତ ବିଦ୍ୟାଳୟରେ ତେଲକୋଇ ବ୍ଲକ ସମେତ ବାଂଶପାଳ, ହରିଚନ୍ଦନପୁର ବ୍ଲକର ଛାତ୍ରୀଛାତ୍ର ଅନ୍ତେବାସୀ ଭାବେ ରହି ଅଧ୍ୟୟନ କରୁଛନ୍ତି। ପ୍ରଥମରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ୨୯୦ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କ ପାଇଁ ଛାତ୍ରାବାସର ବ୍ୟବସ୍ଥା ରହିଛି। ପ୍ରତି ଦିନର ଖାଦ୍ୟପେୟର ସୂଚନା ସହ ସକାଳରୁ ରାତ୍ରି ପର୍ଯ୍ୟନ୍ତ କେଉଁ ଦିନ କ'ଣ ଖାଇବାକୁ ଦିଆଯିବ ତାହା ବୃତ୍ତାନ୍ତ ହୋଇଛି। ଖାଦ୍ୟପେୟର ଅନିୟମିତତା ସାଙ୍ଗକୁ ବିଭିନ୍ନ ସମୟରେ ପଖାଳ ଖାଇବାକୁ ଦେବା ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ଅତ୍ୟାବଶକ ମଶାରି ଓ କମଳ ଆବଶ୍ୟକତା ଥିଲେ ହେଁ ସ୍କୁଲ କର୍ତ୍ତୃପକ୍ଷ ଦେଉ ନ ଥିବା କେତେଜଣ ଛାତ୍ର ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ବିଦ୍ୟୁତ୍ ସମସ୍ୟା ସାଙ୍ଗକୁ ପାନୀୟଜଳ ଯୋଗାଣରେ ସମସ୍ୟା ହେଉଛି। ଫଳରେ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ନଟବର ଅମାନ୍ତ, ଶ୍ରୀଧର ଅମାନ୍ତ, ଅମିନ ଦେହୁରି, ଟୁରା ଦେହୁରି, ବାବୁଲି ଦେହୁରି, କମଳିନୀ ଯୁଆଙ୍ଗ, ସପନା ଯୁଆଙ୍ଗ, ଦିବାକର ଯୁଆଙ୍ଗ ପ୍ରମୁଖ ଅଭିଭାବକ ଅଭିଯୋଗ କରିଛନ୍ତି। ଏ ନେଇ ସେବାଶ୍ରମର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଜେନାଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ଆଗ୍ରହକୁ ନେଇ ଅପରାହ୍ନ ୫ଟା ବେଳେ ପଖାଳ ଦିଆଯାଉଛି। ପ୍ରତିଦିନ ରୁଟିନ ଅନୁଯାୟୀ ଖାଦ୍ୟପେୟ ଦିଆଯାଉଛି। ମଶାରି, କମଳ ଆବଶ୍ୟକତାକୁ ନେଇ ଦେବା ସହ ସପ୍ତାହରେ ଚିକିତ୍ସା ବିଭାଗର ଲୋକେ ଆସି ପରୀକ୍ଷା କରୁଛନ୍ତି। ବିଦ୍ୟୁତ୍ ସମସ୍ୟା ଯୋଗୁ ପାନୀୟଜଳ ଯୋଗାଣରେ ସମସ୍ୟା ରହିଛି ବୋଲି ସେ କହିଛନ୍ତି।

## ଘର ଜାଳିଲେ, କାର୍ ପୋଡ଼ିଲେ

**ଚମ୍ପୁଆ, ୪।୧୦(ଡି.ଏନ.ଏ.)**

ଚମ୍ପୁଆ ଥାନା ଧୋବା କୁଚିଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ରାଗକୁ ଆୟତ କରି ନ ପାରି ଜଣେ ଯୁବକ ନିଜ ଘରକୁ ନିଜେ ନିଆଁ ଲଗାଇବା ସହ କାର୍‌କୁ ପୋଡି ଦେଇଥିବା ଜଣାପଡିଛି। ଘଟଣା ଘଟିବା ପରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଖବର ପାଇ ଚମ୍ପୁଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପରେ ଘରର ଆସବାବପତ୍ର ପୋଡି ଛାରଖାର ହୋଇଯାଇଥିଲା ବୋଲି ଚମ୍ପୁଆ ଆଇଆଇସି ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ଉକ୍ତ ଘଟଣା ନେଇ ମର୍ମାହତ ଯୁବକଙ୍କ ବାପା ଧବଳେଶ୍ୱର ନାଏକ ରିମୁଳି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଚମ୍ପୁଆ ପୁଲିସ ମାମଲାର ତଦନ୍ତ କରି ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।


ପୋଡ଼ି ହୋଇଯାଇଥିବା କାର୍।

## 'ସୁରଭି'ରେ ୧୨୦ ଛାତ୍ରୀଛାତ୍ର


'ସୁରଭି' କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ଆନନ୍ଦପୁର, ୪।୧୦(ସ୍ୱ.ପ୍ର.)**

ଘସିପୁରା ବ୍ଲକ ବୀରଗୋବିନ୍ଦପୁର ସିଆରସିସିରେ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଏବିଇଓ ଅମୂଲ୍ୟ କୁମାର ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ କବି ପ୍ରଫୁଲ୍ଲ କୁମାର ଚକ୍ର, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ଉଧବ ଚରଣ ସାହୁ, ସାମାଜିକକର୍ମୀ ବିପିନ ବିହାରୀ ମିଶ୍ର, ସ୍କୁଲ କମିଟି ସଭାପତି ନିରଞ୍ଜନ ନାଇକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଏହି କାର୍ଯ୍ୟକ୍ରମ ଜରିଆରେ ପରିପ୍ରକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସିଆରସିସି ସୁରେଶ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ସିଆରସିସି ଅଧୀନ ୧୫ ଗୋଟି ବିଦ୍ୟାଳୟର ୧୨୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଚିତ୍ରାଙ୍କନ, କୁଇଜ, ଶ୍ରୁତଲିଖନ, ଶୃଜନଶୀଳ ଲିଖନ, ବକ୍ତୃତା, ଲଘୁ ସଙ୍ଗୀତ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ମହାନ୍ତି, ସୁରେନ୍ଦ୍ର ସାହୁ, ପ୍ରଗତିନୀ ନାୟକ, ପ୍ରଫୁଲ୍ଲ ନାୟକ, ସହକାରୀ ଶିକ୍ଷକ ଚୈତନ୍ୟ ନାଇକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

## ଠିକା କର୍ମଚାରୀଙ୍କ ଆନ୍ଦୋଳନ ଜାରି

**ରାଇସୁଆଁ, ୪।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ବଣ୍ଡୁଆଁ ନିକଟ ଏମ୍‌ଏସ୍‌ପି ପ୍ଲାଣ୍ଟରେ ଠିକା ଶ୍ରମିକମାନେ ଆନ୍ଦୋଳନ ଜାରିରଖିଛନ୍ତି। ପ୍ଲାଣ୍ଟରେ ଶତାଧିକ ଠିକା କର୍ମଚାରୀ କାର୍ଯ୍ୟ କରୁଛନ୍ତି। କର୍ମଚାରୀମାନେ ବହୁ ସମୟରେ ଅବହେଳିତ ଏବଂ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ପ୍ଲାଣ୍ଟ ପରିସରରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇ ଥିଲେ।

ସମସ୍ତ ଠିକା କର୍ମଚାରୀଙ୍କୁ ୭ରୁ ୧୦ ତାରିଖ ମଧ୍ୟରେ ଦରମା ପ୍ରଦାନ ସହ ଦରମା ବୃଦ୍ଧି, ବୁଧବାର ଅଧା କାର୍ଯ୍ୟ, ସମସ୍ତ ସେଫ୍‌ଟି ସରଞ୍ଜାମ ଯୋଗାଣ, ପିଏଫ, ଇଏସ୍‌ଆଇ, ବୋନସ, ଛୁଟି ପ୍ରଦାନ ଆଦି ଦାବି କରିଛନ୍ତି। ୟୁନିୟନ ସଭାପତି ଭୁବନ ମହାନ୍ତ କହିଛନ୍ତି, ପ୍ଲାଣ୍ଟ ଦ୍ୱାରା ଠିକା କର୍ମଚାରୀମାନଙ୍କ ଦାବିକୁ ଅଣଦେଖା କରାଯାଉଛି। ଫଳରେ କର୍ମଚାରୀମାନେ ଆନ୍ଦୋଳନ କରିଛନ୍ତି। ଖବର ଲେଖା ହେବା ବେଳକୁ ଆନ୍ଦୋଳନ ଜାରି ରହିଥିଲା।

- ସିଲିସୁଆଁଠାରେ କଂଗ୍ରେସ କର୍ମୀ ସମ୍ମିଳନୀ

## 'ଦଳୀୟ ସଙ୍ଗଠନକୁ ସୁଦୃଢ଼ କର'

**କେନ୍ଦୁଝର, ୪।୧୦(ସ୍ୱ.ପ୍ର)**



ସମ୍ମିଳନୀରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତା।

କେନ୍ଦୁଝର ସଦର ବ୍ଲକ ସିଲିସୁଆଁଠାରେ ରାଇସୁଆଁ ଓ ଗୋପିନାଥପୁର ପଞ୍ଚାୟତ ଅଞ୍ଚଳର କଂଗ୍ରେସ କର୍ମୀ ସମ୍ମିଳନୀ ଓ 'ମୋ ବୁଥ୍ ମୋ ଗୌରବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ବିଶାଳ ବାଇକ୍ ରାଲି ବାଲିଆଗୋଡା ଛକଠାରୁ ବାହାରି ଜନାର୍ଦ୍ଦନପୁର, ରାଜବନ୍ଧ, ରାଇସୁଆଁ, ରାଉତସାହି, ସାହୁସାହି, ଟାଙ୍ଗରତଳି, ହର୍ଷପୁର, ସିଲିସୁଆଁ, ମୁସଲମାନ ସାହି, ସାହୁସାହି, ପାତ୍ରସାହି, ଗୋପୀନାଥପୁର ଶାସନ ଦେଇ ସିଲିସୁଆଁ ପାଲା ମଣ୍ଡପରେ ଆୟୋଜିତ ସଭାସ୍ଥଳରେ ପହଞ୍ଚିଥିଲା। ଶିବଶଙ୍କର ମାର୍ଡିଙ୍କ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିସିସି ରାଜ୍ୟ ସାଧାରଣ ସମ୍ପାଦକ ତଥା ଆଦିବାସୀ କଂଗ୍ରେସର ଉପାଧ୍ୟକ୍ଷ ବିଦ୍ୟାଧର ଦେହୁରି, ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ କମିଟିର ସଭାପତି ମୋହନ ଚରଣ ପରିଡା, ସମାଜସେବୀ ଗୀତାରାଣୀ ଦାସ, ଦଳିତ ସେଲର ମୁଖ୍ୟ ରମାକାନ୍ତ ପାତ୍ର, ବରିଷ୍ଠ କଂଗ୍ରେସ ନେତା ଆର୍ତ୍ତତ୍ରାଣ ଦାସ, ସମରା ଟୁଡୁ, ୧୭ନଂ ଜୋନର ସାଧାରଣ ସମ୍ପାଦକ ରମେଶ ପ୍ରଧାନ, ୫ନଂ ଜୋନର ସଭାପତି ଉତ୍ତମ ସାହୁ, ଗୋପୀନାଥପୁର ପଞ୍ଚାୟତ କମିଟିର ସଭାପତି ପ୍ରଶନ୍ନ ମହାପାତ୍ର, ରାଇସୁଆଁର ଏମ୍‌ଡି ୟାସିନ, ବାଉରୀପଦାର ଲମ୍ବୋଦର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

ରାଜ୍ୟରେ ଖଣିଖାଦାନ ନାମରେ ଦଳିତ ଏବଂ ଆଦିବାସୀଙ୍କୁ ଶୋଷଣ କରାଯାଉଛି। ପ୍ରାୟ ୮୫ଲକ୍ଷ ଲୋକ ବେକାରୀ ଭାବରେ ରହିଛନ୍ତି। ଖଣି, ଡାଲି, ପାଣି, ଚିଟଫଣ୍ଡ ଭଳି ବହୁ କୋଟି ଟଙ୍କାର ମହାଦୁର୍ନୀତିରେ ସରକାର ଲିପ୍ତ ଥିବା ବେଳେ ଚାଷୀ, ଶିକ୍ଷିତ ବେକାର ଯୁବତୀଯୁବକ, ଶ୍ରମିକ ଉପେକ୍ଷିତ ହୋଇଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ସହ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସକୁ ଶାସନ କ୍ଷମତାକୁ ଫେରାଇ ଆଣିବା ପାଇଁ ଦେହୁରି ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଯୁବକ, ମହିଳା, ଚାଷୀ ଓ ବୁଦ୍ଧିଜୀବି ଯୋଗ ଦେଇଥିଲେ। କଂଗ୍ରେସ ଦଳର ବରିଷ୍ଠ କର୍ମୀ ତଥା ସମାଜସେବୀ ଆର୍ତ୍ତତ୍ରାଣ ଦାସ, ପ୍ରସନ୍ନ ମହାପାତ୍ର, ବିଦ୍ୟାଧର ବେହେରା, ଗୀତାରାଣୀ ଦାସ, ଏମ୍‌ଡି ୟାସିନ ଓ ସମରା ଟୁଡୁ ପ୍ରମୁଖଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ନାରୀ ନିର୍ଯାତନା ପ୍ରତିବାଦରେ ଦାବିପତ୍ର

**କେନ୍ଦୁଝର, ୪।୧୦(ସ୍ୱ.ପ୍ର.)**

ଶିଶୁକନ୍ୟା ଓ ନାରୀର ନିରାପତ୍ତା, ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା, ମଦ ସମ୍ପୂର୍ଣ୍ଣ ନିଷେଧ ଦାବିରେ ସାରା ଓଡ଼ିଶା ଦାବି ଦିବସକୁ ସଫଳ କରିବା ପାଇଁ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ କେନ୍ଦୁଝର ଶାଖା ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଛି। ଜିଲାପାଳଙ୍କ ଜରିଆରେ ଗୁରୁବାର ଏକ ୬ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

ବିଭିନ୍ନ ଦାବି ମଧ୍ୟରେ ନାରୀ ଓ ଶିଶୁକନ୍ୟା ନିର୍ଯାତନା ବନ୍ଦ କରି ନିରାପତ୍ତା ସୁନିଶ୍ଚିତ କରିବା ଓ ନିର୍ଯାତନାକାରୀଙ୍କୁ କଠୋର ଶାସ୍ତି ଦେବା, ମଦ ଓ ମାଦକ ଦ୍ରବ୍ୟର ପ୍ରସାର ସମ୍ପୂର୍ଣ୍ଣ ନିଷେଧ, ଅଶ୍ଳୀଳ ସଙ୍ଗୀତ, ବିଜ୍ଞାପନ, ସିନେମା ଆଦି ପ୍ରଦର୍ଶନ ବନ୍ଦ କରିବା ସହ ଇଣ୍ଟରନେଟରେ ପ୍ରସାରିତ ଯୌନ ଓ ହିଂସା ପ୍ରଣୋଦିତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ନିଷେଧ କରିବା, ଛାତ୍ରୀ ଓ ମହିଳାମାନଙ୍କ ଆତ୍ମରକ୍ଷା ପାଇଁ ସ୍କୁଲ ଓ କଲେଜ ତଥା ବିଭିନ୍ନ ସ୍ଥାନରେ ଜୁଡୋ, କରାଟେ ଶିକ୍ଷା ଦେବା, ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ମହିଳାମାନଙ୍କ ନ୍ୟାଯ୍ୟ ଦାବି ପୂରଣ କରିବା, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା ଆଦି ଦାବି ରହିଛି।



ଦାବିପତ୍ର ଦେବାକୁ ଆସିଥିବା ସଙ୍ଗଠନର ମହିଳାଗଣ।

## ବିଦ୍ୟାଳୟ ମିଶ୍ରଣକୁ ବିରୋଧ


ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଧାରଣା ଦେଇଛନ୍ତି।

**କେନ୍ଦୁଝର, ୪।୧୦(ସ୍ୱ.ପ୍ର.)**

- ଗ୍ରାମବାସୀଙ୍କ ସହ ଛାତ୍ରୀଛାତ୍ରଙ୍କ ଧାରଣା
- ପାଠପଢ଼ାରେ ବ୍ୟାଘାତ

ସଦର ବ୍ଲକ ସତ୍ୟନାରାୟଣ ହାଇସ୍କୁଲ ମୁକୁନା ସହ ସ୍ଥାନୀୟ ବାଉରୀପଦା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରି ନୋଡାଲ ହାଇସ୍କୁଲ ପାଇଁ ପ୍ରସ୍ତାବ ରହିଛି। ଏହି ପ୍ରସ୍ତାବକୁ ସ୍ଥାନୀୟ ଲୋକେ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି। ପୂର୍ବରୁ ଏ ନେଇ ଜିଲାପାଳ ତଥା ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟମାନଙ୍କୁ ଲିଖିତ ଭାବେ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗୁରୁବାରଠାରୁ ବାଉରୀପଦା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଏବଂ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ଘଟିଛି।

ଏ ନେଇ ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ବିଦ୍ୟାଳୟର ନାମକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ବିଦ୍ୟାଳୟ ଠିକ୍ ଭାବରେ ଚାଲିଛି ବୋଲି ସେ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ପତ୍ର ସଂଖ୍ୟା ୧୮୪୯୮/୨୫।୦୮।୧୮) ଅନୁଯାୟୀ ଜିଲାର ଅନେକ ହାଇସ୍କୁଲ ସହ ପାଖାପାଖି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡିକୁ ମିଶ୍ରଣ କରି ୧୨୦ରୁ ଊର୍ଦ୍ଧ୍ୱ ନୋଡାଲ ହାଇସ୍କୁଲ ପ୍ରତିଷ୍ଠା କରାଯାଇଛି। ସେହି ଆଦେଶ ଅନୁଯାୟୀ ମୁକୁନାସ୍ଥିତ ସତ୍ୟନାରାୟଣ ନୋଡାଲ ହାଇସ୍କୁଲରେ ପାଖ ବାଉରୀପଦା ପ୍ରାଥମିକ ବିଦ୍ୟାଳୟକୁ ମିଶାଇ ଦିଆଯାଇଛି। ଦୁଇ ସ୍କୁଲକୁ ମିଶାଇ ନୋଡାଲ ହାଇସ୍କୁଲ ଗଠନକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରି ଆନ୍ଦୋଳନ କରିଛନ୍ତି। ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ୨୫୧ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ

**ପାଟଣା, ୪।୧୦(ସ୍ୱ.ପ୍ର.)**

ପାଟଣା ବ୍ଲକ ପରିସରରେ ଗୁରୁବାର ଓଡ଼ିଶା ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗ ଦେଇଥିଲେ। ବ୍ଲକରେ ଧାର୍ଯ୍ୟ ୧୬୧୦ ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୫୧ ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ ଯୋଗାଇ ଦିଆଯାଇଛି। ପର୍ଯ୍ୟାୟ କ୍ରମେ ବାକି ୧୩୫୯ ହିତାଧିକାରୀଙ୍କୁ କାର୍ଡ ଯୋଗାଇଦିଆଯିବ ବୋଲି ବିଡ଼ିଓ କୁଶଳ ସୂଚନା ଦେଇଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିଲା ପରିଷଦ ସୁରେଶ ଚନ୍ଦ୍ର ନାଏକ, ସୁରମାଲ ବେହେରା, ସମିତି ସଭ୍ୟା ଧରିତ୍ରୀ ମହାନ୍ତ, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ, ଆକାଉଣ୍ଟ ଅଫିସର ଧନେଶ୍ୱର ନାଏକ, ସରପଞ୍ଚ ନିତ୍ୟାନନ୍ଦ ମହାପାତ୍ର, ଭାମାମଣି ଦାସ ଓ କନକ ନାଏକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୋଗାଣ ଅଧିକାରୀ ବିଦ୍ୟୁତ୍‌ଲତା ନାଏକ ଓ ପଞ୍ଚାୟତ ଅଧିକାରୀ ରଶ୍ମିରେଖା ମହାନ୍ତି ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୭ ଆହତ

**ପାଟଣା, ୪।୧୦(ସ୍ୱ.ପ୍ର.):** ପାଟଣା କରଞ୍ଜିଆ ଦେଇ ଯାଇଥିବା ରାଞ୍ଚି ବିଜୟୱାଡା ୨୨୦ ନମ୍ବର ଜାତୀୟ ରାଜପଥର ତିଳବେଡା ଘାଟି ଉପରେ ଏକ ଅଟୋ ଭାରସାମ୍ୟ ହରାଇ ଗୁରୁବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଘଟଗାଁ ଥାନା କପାସପଡା ଗ୍ରାମର ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଚୁନି ମାଟିଆ, ଭାଗବତୀ ମାଟିଆ, ଦିଲୀ ମାଟିଆ, ପ୍ରମିଳା ମାଟିଆ, ରୁବିନା ମାଟିଆ, ସରସ୍ୱତୀ ମାଟିଆ ଓ ଭିକାରୀ ମାଟିଆ। ସାହାରପଡା ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଘଟଣାସ୍ଥଳରେ ସାହାରପଡା ଫାଣ୍ଡି ଅଧିକାରୀ ଅଶୋକ କୁମାର ପହି ପହଞ୍ଚି ଅଟୋକୁ ଜବତ କରିଛି। ସେମାନେ ମାଛଗଡ କମାରମରା ଗ୍ରାମରୁ ଫେରୁଥିଲେ।

### ରାସ୍ତା ଦୁର୍ଗମ; ଯାତାୟାତରେ ଅସୁବିଧା



**ଝୁମ୍ପୁରା, ୪।୧୦(ଡି.ଏନ.ଏ.):** ଝୁମ୍ପୁରା ବ୍ଲକ ମଲଦା ପଞ୍ଚାୟତ ଗୋଡୁଆଟୋପା ଗ୍ରାମକୁ ବର୍ଷା ଦିନେ ଲୋକେ କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି। ଆଦୀବାସୀ ଅଧୁଷିତ ଗ୍ରାମର ଅନତି ଦୂରରେ ନୟାଗଡ ସଂରକ୍ଷିତ ଜଙ୍ଗଲ ରହିଛି। ଗାଁର ଅନ୍ୟ ପାର୍ଶ୍ୱରେ ପ୍ରବାହିତ ହେଉଛି ଜଗଦଳା ନାଳ। ମଲଦା ଗ୍ରାମ ପଞ୍ଚାୟତର ୱାର୍ଡ ନଂ ୧୨ରେ ଗ୍ରାମଟି ରହିଛି। ୪୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଜଙ୍ଗଲ ମୂଳକରେ ରହିଛି ଗୋଡୁଆଟୋପା ଗ୍ରାମ। ଜୀବନ ଜୀବିକା ଚାଷ ସହ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଲୋକେ ଚଳନ୍ତି। ଦୀର୍ଘବର୍ଷ ହେଲା ଗ୍ରାମ ବାସିନ୍ଦା ରାସ୍ତା ସମସ୍ୟାରେ ଯୁଝି ହେଉଛନ୍ତି। ଗାଁକୁ ଯିବାକୁ ମାଟି ରାସ୍ତା ରହିଛି। ରାସ୍ତାକୁ ମରାମତି କରାଯାଉ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ବର୍ଷା ଦିନେ ରାସ୍ତା ସାରା କାଦୁଅ ପଚପଚ ହେଉଛି। ଗ୍ରାମ ନିକଟରେ ଜଙ୍ଗଲ ରହିଥିବାରୁ ବର୍ଷର ଅଧିକାଂଶ ସମୟରେ ହାତୀ, ଭାଲୁ ଭୟ ରହୁଛି। ରାସ୍ତା ସମସ୍ୟାକୁ ନେଇ ୱାର୍ଡ ମେମ୍ବର ଉମାକାନ୍ତ ମହାନ୍ତଙ୍କ ସହ ଗହ୍ମା ମୁଣ୍ଡା, ସୁନିକା ମୁଣ୍ଡା, ସତ୍ୟନାରାୟଣ ମହାନ୍ତ, ରାମ ମୁଣ୍ଡା, ସୁନାମଣୀ ସିଦ୍ଧୁ, ବିକାଶ ସିଦ୍ଧୁ, ଗାରଜି ମୁଣ୍ଡା ପ୍ରମୁଖ ଅଭିଯୋଗ କରି ଥକି ଗଲେଣି। ଏ ନେଇ ମଲଦା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲିପ ବେହେରାଙ୍କୁ ପଚାରିବାରୁ ରାସ୍ତା ମରାମତି ପାଇଁ ଯୋଜନା ରହିଛି ବୋଲି ସେ କହିଛନ୍ତି।

### ଢେଙ୍କିକୋଟରେ ଶିଳ୍ପୀ ସମ୍ମିଳନୀ



**ଢେଙ୍କିକୋଟ,୪।୧୦(ଡି.ଏନ.ଏ.):** ଘଟଗାଁ ବ୍ଲକ ଆଦିବାସୀ ଅଧୁଷିତ ଢେଙ୍କିକୋଟଠାରେ ଗ୍ରାମାଞ୍ଚଳ ଶିଳ୍ପୀ ସମ୍ମିଳନୀ ହୋଇଥିଲା। ଧରଣୀଧର ସାହୁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମାଞ୍ଚଳ ରାଜମିସ୍ତ୍ରୀ ଉପସ୍ଥିତି ଥିଲେ। ସମ୍ମିଳନୀରେ ମଜଭୁତ ସିମେଣ୍ଟ ସମ୍ପର୍କରେ ଶିଳ୍ପୀମାନଙ୍କୁ ଇଂ ଜ୍ୟୋତି ରଞ୍ଜନ ଜେନା ବୁଝାଇ ଥିଲେ। ସତିଶ କୁମାର ସିଂ ସିମେଣ୍ଟ ଉପକାରିତା ସମ୍ପର୍କରେ କହିଥିଲେ। ଶିଳ୍ପୀମାନଙ୍କୁ ଖାଦ୍ୟ ପାନୀୟ ଦିଆଯାଇଥିଲା।

## ଛାତ୍ର ସଂସଦ ନିର୍ବାଚନ

# କ୍ୟାମ୍ପସ ସରଗରମ, ଛକାପଞ୍ଝା



କେନ୍ଦୁଝର ଧରଣୀଧର କଲେଜରେ ଛାତ୍ରଙ୍କ ମଧ୍ୟରେ ଉତ୍ସାହ।

- ବିଜୟୀ ହେବାକୁ ଚାଲିଛି ରଣକୌଶଳ
- ହଷ୍ଟେଲ, ମେସ୍ ଓ ଘର ବୁଲିଲେ ପ୍ରାର୍ଥୀ

**କେନ୍ଦୁଝର, ୪।୧୦(ସ୍ୱ.ପ୍ର.)**

ଛାତ୍ର ସଂସଦ ନିର୍ବାଚନ ଲାଗି କଲେଜ ପରିସର ସରଗରମ ହୋଇପଡ଼ିଛି। ସ୍ଥାନୀୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଗୁରୁବାର କେହି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନାହାନ୍ତି। ନାମାଙ୍କନ ଦାଖଲ କରିଥିବା ସମସ୍ତ ପ୍ରାର୍ଥୀ ନିର୍ବାଚନରେ ଜିତିବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି। ସମସ୍ତ ପଦବୀ ଦ୍ୱିମୁଖୀ ପ୍ରତିଯୋଗିତା ହେବାକୁ ଯାଉଛି। ପ୍ରାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ନିର୍ବାଚନ ଜିତିବା ପାଇଁ ଆରମ୍ଭ ହୋଇଛି ବିଭିନ୍ନ ପ୍ରକାରର ରଣକୌଶଳ। କିଏ ଗିଫ୍ଟ ଦେଉଛନ୍ତି। ଆଉ କିଏ ଗୁପଚୁପ, ଚାର୍ଟ ଦେଇ ଛାତ୍ରୀଛାତ୍ରଙ୍କୁ ମନେଉଛନ୍ତି। ବ୍ୟାନର, ପୋଷ୍ଟର ମାରିବା ସହ ପୁସିଂ କାର୍ଡ ବଣ୍ଟନ ଆରମ୍ଭ ହେଲାଣି। ହଷ୍ଟେଲ, ମେସ ଓ ଘର ବୁଲି ଛାତ୍ରୀଛାତ୍ରଙ୍କୁ ଭୋଟ ନିଜ ସପକ୍ଷରେ ଦେବାକୁ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଉଦ୍ୟମ ଚଳାଇଛନ୍ତି। ସଭାପତି ଭାବେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ବାଣିଜ୍ୟ ଛାତ୍ର ଅଂଶୁମାନ ସତପଥୀ ଓ ଯୁକ୍ତ ୩ ତୃତୀୟ ବର୍ଷ କମର୍ସର ଶିବ ପ୍ରସାଦ ରାଉତଙ୍କ ମଧ୍ୟରେ ସିଧାସଳଖ ଟକ୍କର ହେବାକୁ ଯାଉଛି। ଉପସଭାପତି ପଦ ପାଇଁ ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନର ମାନସ ରଞ୍ଜନ ସେଠୀ ଓ ଯୁକ୍ତ ୩ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ର ନିତେଶ କୁମାତ ପତିଙ୍କ ମଧ୍ୟରେ ପ୍ରତିଯୋଗିତା ହେବ। ସେକ୍ରେଟେରୀ ପଦ ପାଇଁ ଯୁକ୍ତ ୩ ତୃତୀୟ ବର୍ଷର ବିଜ୍ଞା ଛାତ୍ର ଜିତ ପ୍ରକାଶ ଜେନାଙ୍କ ସହିତ ଉକ୍ତ ଶ୍ରେଣୀର ଶକ୍ତି ସାଗର ପ୍ରଧାନଙ୍କ ସହିତ ମହାମୁକାବିଲା ହେବ। ଆସିଷ୍ଟାଂଟ ସେକ୍ରେଟେରୀ ପଦ ପାଇଁ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳାର ଛାତ୍ର ଆକାଶ ଜେନାଙ୍କ ସହ ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଦେବାଶିଷ ପାଢୀଙ୍କ ସହ ମୁକାବିଲା ହେବ ବୋଲି ଜଣାପଡିଛି। ଡ୍ରାମାଟିକ ସେକ୍ରେଟେରୀ ପାଇଁ ଯୁକ୍ତ ୩ ତୃତୀୟ ବର୍ଷ ବାଣିଜ୍ୟର ଛାତ୍ରୀ ମଧୁସ୍ମିତା ଜେନାଙ୍କ ସହ ଉକ୍ତ ଶ୍ରେଣୀର ପ୍ରଭାତି ପାଗଳଙ୍କ ମଧ୍ୟରେ ଲଢେଇ ହେବ। ଆସିଷ୍ଟାଂଟ ସେକ୍ରେଟେରୀ (ଡ୍ରାମାଟିକ) ଭାବରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ପୁରୁଷୋତମ ମହାନ୍ତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଥଲେଟିକ କ୍ଲବ ସେକ୍ରେଟେରୀ ଭାବେ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର କୁମାର ମହାନ୍ତ ଓ ଆସିଷ୍ଟାଣ୍ଟ ସେକ୍ରେଟେରୀ ଭାବେ ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ ମମତା ମାଝୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### ପାଟଣାରେ ୮ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ପାଟଣା, (ସ୍ୱ.ପ୍ର.):** ପାଟଣା ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାର ଛାତ୍ର ସଂସଦ ନିର୍ବାଚନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର୍ଷଣ ସାହୁଙ୍କ ସୂଚନା ମୁତାବକ ଲିଙ୍ଗଡୋ କମିଶନଙ୍କ ଗାଇଡ଼ ଲାଇନ ଅନୁଯାୟୀ ଶିକ୍ଷାଅନୁଷ୍ଠାନ ମଧ୍ୟରେ ଦଳୀୟ ରାଜନୀତିର ଊର୍ଦ୍ଧ୍ୱରେ ଛାତ୍ର ସଂସଦର ନିର୍ବାଚନ ହେବ। ସଭାପତି, ଉପସଭାପତି ଓ ଡ୍ରାମାଟିକ ସମ୍ପାଦକଙ୍କ ବ୍ୟତୀତ ଅନ୍ୟ ସମସ୍ତ ପଦୀ ଗୁଡ଼ିକର ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ମହାବିଦ୍ୟାଳୟର ନିର୍ବାଚନ ଅଧିକାରୀ ଅଧାପକ ହରିହର ଓଝା, ଉପ ନିର୍ବାଚନ ଅଧିକାରୀ ଜୟନ୍ତ କୁମାର ଦିବେଦୀ ଓ ପର୍ଶୁରାମ ପଣ୍ଡା ସୂଚନା ଦେଇଛନ୍ତି। ସଭାପତି ଭାବେ ଗୌତମ ଚନ୍ଦ୍ର ମହାନ୍ତଙ୍କ ସହ ସସ୍ମିତା ଦାସ, ଉପସଭାପତି ସୌମ୍ୟ ରଞ୍ଜନ ରାଉତଙ୍କ ସହ ସୁନ୍ଦର ମାଝୀ ଓ ଡ୍ରାମାଟିକ ସେକ୍ରେଟାରୀ ଭାବେ ନବକିଶୋର ମହାନ୍ତଙ୍କ ସହ ଡମ୍ବରୁଧର ପାତ୍ରଙ୍କର ପ୍ରତିଦ୍ୱନ୍ଦିତା ହେବ ବୋଲି ଜଣାଯାଇଛି। ସାଧାରଣ ସମ୍ପାଦକ ପଦବୀ ପାଇଁ ଲଢୁଥିବା ନବକିଶୋର ଗୋପ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିବାରୁ ସୁଶାନ୍ତ କୁମାର ସେନାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ହୋଇଥିବା ପ୍ରାର୍ଥୀ ହେଲେ ସହକାରୀ ସାଧାରଣ ସମ୍ପାଦକ ବିଶ ବନ୍ଦିତା ମହାନ୍ତ, ଡ୍ରାମାଟିକ ସହକାରୀ ସମ୍ପାଦକ ଦୀପକ ମହାନ୍ତ, କ୍ରୀଡା ସମ୍ପାଦକ ସସ୍ମିତା ମହାନ୍ତ, ସହକାରୀ କ୍ରୀଡା ସମ୍ପାଦକ ଅକ୍ଷୟ ମହାନ୍ତ, ଡିଏସଏ ସମ୍ପାଦକ ଶ୍ରୀକାନ୍ତ ବେହେରା, ସହକାରୀ ଡିଏସଏ ସମ୍ପାଦକ ମଳୟ କୁମାର ମହାନ୍ତ ଓ ଶ୍ରେଣୀ ପ୍ରତିନିଧି ପବିତ୍ର ମୋହନ ମହାନ୍ତ। ୮ ପଦବୀର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ୧୨ ପ୍ରାର୍ଥିପତ୍ର କାଏମ

**ଚମ୍ପୁଆ,(ଡି.ଏନ.ଏ.):** ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ପରେ ୧୨ ପ୍ରାର୍ଥିପତ୍ର କାଏମ ରହିଛି। ସମସ୍ତ ପଦବୀରେ ମୋଟ ୧୮ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସଭାପତି ପଦରେ ବାଦଲ କୁମାର ଗିରି, ବିଶ୍ୱନାଥ ହେମ୍ବ୍ରମ, ସରୋଜ ଦାଦରାଙ୍କ ପ୍ରାର୍ଥିପତ୍ର କାଏମ ରହିଥିଲା। ଉପସଭାପତି ପଦରେ ଲିପ୍ସାରାଣୀ ମହାନ୍ତ, ପଲ୍ଲବୀରାଣୀ ମହାନ୍ତ, ସମ୍ପାଦକ ପଦରେ ଅଭିନାଶ ସେଠୀ ଓ ପଙ୍କଜ କୁମାର ମହାନ୍ତଙ୍କ ପ୍ରାର୍ଥିପତ୍ର କାଏମ ରହିଛି। କ୍ରିଡ଼ା ସମ୍ପାଦକ ପଦରେ ରଶ୍ମିରଞ୍ଜନ ମାଝୀ, ନାଟ୍ୟ ସମ୍ପାଦକ ସୁମନ କୁମାର ବାରିକ, ଡିଏସଏ ସମ୍ପାଦକ ପଦ ପାଇଁ ଅଜୟ କୁମାର ମହାକୁଡ, ରଞ୍ଜନ କୁମାର ଗିରି ଏବଂ ଏଡିଟେରିଆଲ ବୋର୍ଡ କଲେଜ ମ୍ୟାଗାଜିନ ଅମନ କୁମାର ରାମଙ୍କ ନାମ କାଏମ ରହିଥିଲା। ସରୋଜ ଦାଦରା ନିଜର ପ୍ରାର୍ଥିପତ୍ର ପ୍ରତିହାର କରିଛନ୍ତି।

### ଆନନ୍ଦପୁର କଲେଜରେ ଉତ୍ତେଜନା ପରିସ୍ଥିତି



ମହାବିଦ୍ୟାଳୟକୁ ଯାଉଥିବା ଛାତ୍ରମାନେ ।

**ଆନନ୍ଦପୁର, ୪।୧୦(ସ୍ୱ.ପ୍ର.)**

ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ବୋମା ମାଡ ଘଟଣା ପରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଛକ୍କାପଞ୍ଝା ପରିସ୍ଥିତି ଲାଗି ରହିଛି। କଡା ସୁରକ୍ଷା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟ ଶେଷ ହୋଇଛି। ଗୁରୁବାର ନାମାଙ୍କନ ପତ୍ର ପ୍ରତ୍ୟାହାର ଶେଷ ହୋଇଛି। ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ଥିବା ସତ୍ତ୍ୱେ କୌଣସି ପ୍ରକାରର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଅଧ୍ୟକ୍ଷ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଉପଖଣ୍ଡରେ ଥିବା ସମସ୍ତ ବିଦ୍ୟାଳୟରେ ନିର୍ବାଚନ ବାତିଲ ହୋଇଥିବାବେଳେ ସମସ୍ତଙ୍କ ନଜର ଆନନ୍ଦପୁର ମହାବିଦ୍ୟାଳୟ ଉପରେ ରହିଛି।

ମଙ୍ଗଳବାର ବିଳମ୍ବିତ ରାତିରେ କଲେଜ ଅଫିସ କାର୍ଯ୍ୟାଳୟ ଉପରେ ହୋଇଥିବା ବୋମାମାଡ ଘଟଣାକୁ ନେଇ ପୋଲିସକୁ ସେପରି କିଛି ଆଖି ଦୃଶିଆ ସଫଳତା ମିଳି ନ ଥିବା ଜଣାପଡିଛି। ଆନନ୍ଦପୁର ପୋଲିସ ପକ୍ଷରୁ କଲେଜ ନିର୍ବାଚନ ଉପରେ କଡା ନଜର ରଖାଯାଇଥିବା ଆଇଆଇସି ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି।

### ହାଟଡିହୀ ମହାବିଦ୍ୟାଳୟରେ ହେବନି ନିର୍ବାଚନ

**ହାଟଡିହୀ, (ଡି.ଏନ.ଏ.):** ଚଳିତ ବର୍ଷ ହାଟଡିହୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ। ନାମାଙ୍କନ ପତ୍ର ଦାଖଲ କରିଥିବା ସମସ୍ତ ଛାତ୍ରୀଛାତ୍ର ନିର୍ବାଚନରୁ ଓହରି ଯାଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ଚଳିତବର୍ଷ ସବୁ ବିଭାଗରେ ଛାତ୍ରୀଛାତ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ। କିନ୍ତୁ ସମସ୍ତେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶାନ୍ତି, ମୈତ୍ରୀ ଓ ଉତ୍ତମ ସମ୍ପର୍କ ରକ୍ଷା ପାଇଁ ଛାତ୍ରୀଛାତ୍ର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

### ପ୍ରକାଶ ପାଇଲା ଚୂଡ଼ାନ୍ତ ତାଲିକା

**ଆନନ୍ଦପୁର, (ସ୍ୱ.ପ୍ର.):** ଆନନ୍ଦପୁର ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ଛାତ୍ର ସଂସଦର ସଭାପତି ଭାବେ ସନ୍ତୋଷ କୁମାର ଜେନା ଏବଂ ଶୁଭଶ୍ରୀ ପରିଡା ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଉପସଭାପତି ଭାବେ ସଟୀନ୍ କୁମାର ବାଇଙ୍କିଆ ନିର୍ଦ୍ୱନ୍ଦ୍ୱରେ ନିର୍ବିଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ଲିଟୁନ ଦାସ, ସହସମ୍ପାଦକ ଆଶିଷ କୁମାର ମହାନ୍ତ, ନାଟ୍ୟ ସମ୍ପାଦକ ସଞ୍ଜୀବ କୁମାର ପଣ୍ଡା, ସହ ନାଟ୍ୟ ସମ୍ପାଦକ ଭାବେ ମୋନି ମୁକେଶ ନାଥ, ଡିଏସଏ ଭାବେ ସତ୍ୟରଞ୍ଜନ ବେହେରା ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କ୍ରୀଡ଼ା ସମ୍ପାଦକ ଭାବେ ଜିତେନ୍ଦ୍ର ଓଝା ଓ କିଶୋର ପାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାକୁ ଥିବାବେଳେ ସହ କ୍ରୀଡା ସମ୍ପାଦକ ଭାବେ ଭଗବାନ ସେଠୀ ନିର୍ଦ୍ୱନ୍ଦ୍ୱରେ ନିର୍ବଚିତ ହୋଇଥିବା ଖବର ମିଳିଛି।

### ନାମାଙ୍କନପତ୍ର ଦାଖଲ କଲେ ପ୍ରାର୍ଥୀ

**ଯୋଡା, (ଡି.ଏନ.ଏ.):** ଯୋଡ଼ା ମହିଳା ମହାବିଦ୍ୟାଳୟରେ ଛାତ୍ରୀ ସଂସଦ ନିର୍ବାଚନ ନେଇ ବୁଧବାର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସଭାପତି ଆସନରେ ପ୍ରାର୍ଥୀ ଭାବେ ରଶ୍ମିରେଖା ନାଏକ, ବୈଦେହୀ ପାତ୍ର, ମୌସୁମୀ ବାରିକ, ଡଲି ପାତ୍ର, ଉପସଭାପତି ଆସନ ପାଇଁ ପ୍ରତିମା ବାରିକ, ଅପର୍ଣ୍ଣା ନନ୍ଦି, ସାଧାରଣ ସମ୍ପାଦକ ଆସନ ପାଇଁ ସୁଜାତା ନାଏକ, ସାଧାରଣ ସହସମ୍ପାଦକ ପାଇଁ ଲୋପାମୁଦ୍ରା ଗିରି, କ୍ରୀଡା ସମ୍ପାଦକ ପାଇଁ ସୀତାରାଣୀ ମହାକୁଡ ଓ ପ୍ରିୟଙ୍କା ପ୍ରଧାନ, ନାଟ୍ୟ ସମ୍ପାଦକ ଲାଗି ସୁଲଗ୍ନା ମହାନ୍ତି, ଡିଏସଏ ଆସନ ପାଇଁ ପ୍ରିତୀ ପ୍ରିୟଦର୍ଶନୀ ବେହେରା ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବୋଲି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ମୃଦୁଳା ମହାନ୍ତି ସୂଚନା ଦେଇଛନ୍ତି।

### ଚାରିଗଡ଼ ମହାବିଦ୍ୟାଳୟରେ ଦ୍ୱିମୁଖୀ ଲଢ଼େଇ

**ତେଲକୋଇ, (ଡି.ଏନ.ଏ.):** ତେଲକୋଇ ଚାରିଗଡ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ଶେଷ ହୋଇଛି। ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ପାଇଁ ନିର୍ବାଚନ ହେବ। ସଭାପତି ପାଇଁ ଦ୍ୱିମୁଖୀ ଲଢ଼େଇ ହେବାକୁ ଯାଉଛି। ଛାତ୍ର ସଂସଦ ନିର୍ବାଚନ ପାଇଁ କଲେଜ ଅଧ୍ୟକ୍ଷ ଯୁଗୋଳ କିଶୋର ସେନାପତି ଯାଞ୍ଚ ପ୍ରକ୍ରିୟା ଶେଷ କରିଛନ୍ତି।

## ଜିଲାପାଳଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର

**କେନ୍ଦୁଝର, ୪।୧୦(ସ୍ୱ.ପ୍ର.)**

ସରକାରଙ୍କ ପକ୍ଷରୁ ନୂତନ ଭାବେ ନିର୍ଦ୍ଧାରିତ ହୋଇଥିବା ଅଙ୍ଗନୱାଡି କେନ୍ଦ୍ରରେ ସକାଳ ଜଳଖିଆ ଓ ଗରମ ଖାଦ୍ୟ ନୀତିକୁ ନେଇ ଅଲଲ ଇଣ୍ଡିଆ ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏଶନ କେନ୍ଦୁଝର ଜିଲା ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରାଯାଇଛି। ସରକାରଙ୍କ ନୂତନ ନୀତିକୁ ନେଇ ଜିଲାର ସମସ୍ତ ଶିଶୁ ବିକାଶ ଅଧିକାରୀମାନଙ୍କ ସହ ଆଲୋଚନା କରି ନେଇଥିବା ନିଷ୍ପତ୍ତି ବିଷୟରେ ଜିଲାପାଳଙ୍କୁ ଲିଖିତ ଜଣାଇଛନ୍ତି।

ପ୍ରାକ ବିଦ୍ୟାଳୟରେ ସକାଳ ଜଳଖିଆରେ ବେସନ ଲଡୁ ବଦଳରେ ବୁଧବାର ଓ ଶନିବାର ଖଜାମୁଗ, ଓ ଚାରିଦିନ ଚୁଡା ଲଡୁ ଦେବାକୁ ଜଣାଇଛନ୍ତି। ସରକାରଙ୍କ ନୂଆ ଗାଇଡଲାଇନ ଅନୁଯାୟୀ ୫ ଦିନ ଅଣ୍ଡା ପରିବର୍ତ୍ତେ ୪ ଦିନ ଅଣ୍ଡା ଓ ୧ ଦିନ ବେସନ ଢୋକଲା ତରକାରୀ କିମ୍ବା ସୋୟା ବଡି ଦେବେ ବୋଲି ଜଣାଇଛନ୍ତି। କାଠ ଜାଳେଣୀ ଯୋଗୁଁ ଶିଶୁମାନେ ଧୂଆଁରେ ବସି ପାରୁନାହାହାନ୍ତି। ପରିବେଶ ଦୂଷିତ ହେଉଥିବାରୁ ସମସ୍ତ ଅଙ୍ଗନବାଡି ଓ ମିନି ଅଙ୍ଗନବାଡିକୁ ରୋଷେଇ ଗ୍ୟାସ ଦେବାକୁ ନିବେଦନ କରିଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଙ୍ଗନବାଡି କର୍ମୀ।

## ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ରଙ୍କ ହାଡ଼ ଭାଙ୍ଗିଲା

- ଥାନାରେ ଏତଲା ଦେଲେ ପିଡ଼ୀତଙ୍କ ବାପା
- ଅଭିଯୋଗ କରିବାରୁ ଦୁର୍ବ୍ୟବହାର
- ଆପୋସ ବୁଝାମଣା ପରେ ସମାଧାନ

**ଯୋଡ଼ା, ୪।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ସେନ୍ଟ ଟେରେସା ସ୍କୁଲରେ ଜଣେ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଜଣେ ନାବାଳକ ଛାତ୍ରଙ୍କ ହାଡ଼ ଭାଙ୍ଗି ଯାଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୀଡିତ ଛାତ୍ରଙ୍କ ବାପା ରସିକଲାଲ ମହାନ୍ତ ଯୋଡ଼ା ଥାନାରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ସହ ସ୍କୁଲ ବିରୋଧରେ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କ ୯ ବର୍ଷର ପୁଅ ସେନ୍ଟ ଟେରେସା ସ୍କୁଲରେ ଷ୍ଟାଣ୍ଡାର୍ଡ ୩ରେ ପାଠ ପଢନ୍ତି। ଗତ ୨୪।୦୯।୨୦୧୮ରେ ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ସ୍କୁଲ ବସ୍‌ଟି ବିଳମ୍ବରେ ପହଞ୍ଚି ଥିଲା। ଫଳରେ ବସ୍‌ରେ ବସିଥିବା କେତେଜଣ ଛାତ୍ରୀଛାତ୍ର ସ୍କୁଲର ହିନ୍ଦୀ ପିରିୟଡରେ ଅନୁପସ୍ଥିତ ରହିଥିଲେ। ସେହି ପିରିୟଡରେ ପଢା ଯାଇଥିବା ପାଠକୁ ପରବର୍ତ୍ତୀ ସମୟରେ ସ୍କୁଲର ହିନ୍ଦୀ ଶିକ୍ଷୟିତ୍ରୀ ଜଣଙ୍କ ପଚାରିବାରୁ ତାଙ୍କ ପୁଅ କିଛି କହିପାରି ନ ଥିଲେ। ଫଳରେ ଶିକ୍ଷୟିତ୍ରୀ ଜଣକ ଏକ ଷ୍ଟିଲ ସ୍କେଲରେ ତାଙ୍କୁ ପ୍ରବଳ ମାଡ ମାରିଥିଲେ। ପରେ ସେ ଛାତିରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସ୍ଥାନୀୟ ଡାକ୍ତର ଯନ୍ତ୍ରଣାର କାରଣ ଜାଣି ନ ପାରିବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଦେଖେଇବା ପରେ ଏକ୍ସରେ ରିପୋର୍ଟରୁ ପୁଅର ବାମ ପାର୍ଶ୍ୱର ଦୁଇଟି ପଞ୍ଜରା ହାଡ ଭାଙ୍ଗି ଯାଇଥିବା ରସିକଲାଲ ଏତଲାରେ ଦର୍ଶାଇଛନ୍ତି।

ଶିକ୍ଷୟିତ୍ରୀଙ୍କ ମାଡ଼ ଘଟଣା ସମ୍ପର୍କରେ ରସିକଲାଲ ଓ ତାଙ୍କ ସ୍ତ୍ରୀ ସ୍କୁଲର ପ୍ରିନ୍ସିପାଲଙ୍କ ପାଖରେ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗକୁ ମିଥ୍ୟା ଓ ଭିତ୍ତିହୀନ କହି ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଙ୍କ ମା'ବାପାଙ୍କୁ ଦୁର୍ବ୍ୟବହାର କରିଥିଲେ। ସ୍କୁଲରୁ ବାହାରକୁ ବାହାର କରିଦେଇଥିବା ରସିକଲାଲ ଅଭିଯୋଗ କରିଛନ୍ତି। ଛାତ୍ରଙ୍କ ମା' ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ଯେ, ସ୍କୁଲ କର୍ତ୍ତୃପକ୍ଷ ଅଭିଯୋଗ ପାଇବା ପରେ ଜନୈକା ଶିକ୍ଷୟିତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଓଲଟା ଦୁର୍ବ୍ୟବହାର କରିଥିଲେ। ଏ ନେଇ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ମତାମତ ମିଳିପାରି ନାହିଁ। ଏ ସଂକ୍ରାନ୍ତରେ ଯୋଡ଼ା ଥାନା ଅଧିକାରୀ ମନୋଜ କୁମାର ରାଉତଙ୍କୁ ପଚାରିବାରୁ ଥାନାରେ ଅଭିଯୋଗ ପରେ ମାମଲାର ଆପୋସ ବୁଝାମଣା ମାଧ୍ୟମରେ ସମାଧନ କରାଯାଇଛି ବୋଲି ସେ କହିଛନ୍ତି।

### 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମ ପ୍ରସ୍ତୁତି ଶେଷ



**ହାଟଡିହୀ,୪। ୧୦(ଡି.ଏନ୍.ଏ.)**

ହାଟଡିହୀ ବ୍ଲକ ସଢାଠାରେ 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ଶେଷ ହୋଇଛି। ବିଡିଓ ସୁଶାନ୍ତ କୁମାର ବାରିକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବାକୁ ଥିବାବେଳେ ସମସ୍ତଙ୍କ ପାଇଁ ଖାଦ୍ୟ ପାନୀୟର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ବି ସଜାଗ ରହିଛନ୍ତି। ୭ କୋଟି ୨୮ ଲକ୍ଷ ବ୍ୟୟ ଅଟକଳରେ ୩୦୮ ଗୋଟି ପ୍ରକଳ୍ପର ଅନୁମୋଦନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିବା ବିଡିଓ ବାରିକ କହିଛନ୍ତି। ବାରିକଙ୍କ ସହ ବିଧାୟକ ମାୟାଧର ଯେନା, ସରପଞ୍ଚ ବିମ୍ବାଧର ବିଶ୍ୱାଳ, ଜିଲା ପରିଷଦ ସୁରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।